ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୮୩ ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୧୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.183 Bhubaneswar, Wednesday, March 19, 2025

ପଞ୍ଚଭୂତରେ ବିଲୀନ ହେଲେ ଦେବେନ୍ଦ୍ର

ଭୁବନେଶ୍ୱର, ୧୮/୩: ପଞ୍ଚଭୂତରେ ଲୀନ ହୋଇଗଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଦେବଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ସାଂସଦ, ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି, ଦଳର ପ୍ରତିଷ୍ଠାତା ସଦସ୍ୟ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ଡାକ୍ତର ଦେବେନ୍ଦ୍ର ପ୍ରଧାନ। ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାର ଶ୍ମଶାନରେ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ସୌମେନ୍ଦ୍ର ପ୍ରଧାନ ମୁଖାଗ୍ନି ଦେଇଛନ୍ତି। ପୁରୀ ସ୍ୱର୍ଗଦ୍ୱାର ଶ୍ମଶାନର ଶେଷକୃତ୍ୟ ସମ୍ପନ୍ନ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ, ସମ୍ପର୍କୀୟ, ବହୁ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାବା ରାମଦେବ, ଉପମୁଖ୍ୟ ମନ୍ତ୍ରୀ ପ୍ରଭାତି ପରିଡ଼ା, ଭାରତୀୟ ଜନତା ପାର୍ଟିର ବହୁ ତୁଙ୍ଗନେତା, ମନ୍ତ୍ରୀ, ନେତା, କାର୍ଯ୍ୟକର୍ତ୍ତା, ବରିଷ୍ଠ ନେତା, ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଜଣେ ଲୋକପ୍ରିୟ ଜନପ୍ରତିନିଧି, ସୁସଂଗଠକ ଏବଂ ଦକ୍ଷ ରାଜନେତା ଭାବେ ତାଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ପାର୍ଥିବ ଶରୀର ନିଆଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଶେଷଯାତ୍ରାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଭୁବନେଶ୍ୱରରୁ ଏକ ସୁସଜ୍ଜିତ ଗାଡ଼ିରେ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ମୃତଦେହ ସ୍ୱର୍ଗଦ୍ୱାର ଶ୍ମଶାନକୁ ଅଣାଯିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ବହୁ ଶୁଭେଚ୍ଛୁ ଅପେକ୍ଷା କରିଥିଲେ। ବିଭିନ୍ନ ରାଜନୈତିକ, ସାମାଜିକ ଓ ସାଂସ୍କୃତିକପକ୍ଷରୁ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଦେବଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ସାଂସଦ, ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି, ଦଳର ପ୍ରତିଷ୍ଠାତା ସଦସ୍ୟ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ସୋମବାର ପୂର୍ବାହ୍ନରେ ୮୩ ବର୍ଷ ବୟସରେ ନୂଆଦିଲ୍ଲୀରେ ପରଲୋକ ଘଟିଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଗତକିଛି ଦିନ ଧରି ଚିକିତ୍ସିତ ହେଉଥିଲେ। ସାନପୁଅ ଧର୍ମେନ୍ଦ୍ରଙ୍କ ସ୍ଥାନୀୟ ୧୯ କୁଶକ ଲେନ୍?ସ୍ଥିତ ସରକାରୀ ବାସଭବନରେ ସକାଳ ୧୦ଟା ୦୪ରେ ତାଙ୍କର ପରଲୋକ

ଘଟିଥିଲା। ପରଲୋକ ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ବାଚସ୍ପତି ଓମ୍ ବିର୍ଲା, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରି ଦିବଙ୍ଗତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ଶାସକ ଓ ବିରୋଧୀ ଦଳର ବହୁନେତାଗଣ ଗଭୀର ଶୋକପ୍ରକାଶ କରିଛନ୍ତି। ଅନ୍ତିମ ସଂସ୍କାର ପାଇଁ ତାଙ୍କର ମରଶରୀରକୁ ବିମାନ ଯୋଗେ ଭୁବନେଶ୍ୱର ଅଣାଯାଇଥିଲା। ମୃତ୍ୟୁବେଳକୁ ପତ୍ନୀ ବସନ୍ତ ମଞ୍ଜରୀ ପ୍ରଧାନ, ବଡ଼ ପୁଅ ସୌମେନ୍ଦ୍ର ଓ ସାନ ପୁଅ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ୧୯୪୧ ଜୁଲାଇ ୧୬ରେ ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ନଲାମ ଗ୍ରାମରେ ଜନ୍ମିତ ସ୍ୱର୍ଗତ ପ୍ରଧାନ ପେସାରେ ଜଣେ ଡାକ୍ତର ଥିଲେ । ୧୯୬୬ରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଏମ୍‌ବିବିଏସ ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିଥିଲେ। ସେହିବର୍ଷ ତାଳଚେର ଅଞ୍ଚଳର ଡେରା ଠାରେ ଡାକ୍ତରୀ ଚାକିରି ଆରମ୍ଭ କରି ୧୯୭୩ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ୧୯୮୦ରେ ତାଳଚେର ମଣ୍ଡଳ ବିଜେପି ସଭାପତି ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିବା ଡା. ପ୍ରଧାନ ନିଜର ରାଜନୈତିକ ଜୀବନକାଳରେ କେନ୍ଦ୍ରମନ୍ତ୍ରୀ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ। ଦେବଗଡ଼ ଲୋକସଭା କ୍ଷେତ୍ରରୁ ୧୯୯୮ରେ ୧୨ତମ ଲୋକସଭାକୁ ଏବଂ ୧୯୯୯ରେ ୧୩ତମ ଲୋକସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀ ସରକାରରେ ୧୯ ମାର୍ଚ୍ଚ ୧୯୯୮ରୁ ୨୭ ମେ ୨୦୦୦ ପର୍ଯ୍ୟନ୍ତ କେନ୍ଦ୍ର ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ଏବଂ ପରେ ୨୯ ଜାନୁଆରୀ ୨୦୦୩ ପର୍ଯ୍ୟନ୍ତ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶାରେ ଭାରତୀୟ ଜନତା ପାର୍ଟିକୁ ପ୍ରତିଷ୍ଠିତ କରାଇବା ପଛରେ ଡା ପ୍ରଧାନଙ୍କ ବଡ଼ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ବିଜେପି ସଭାପତି ଭାବେ ତିନି ଥର ଫେବୃଆରୀ ୧୯୮୮-୧୯୯୦, ୧୯୯୦-୯୩ ଓ ୧୯୯୫-୯୮ ପର୍ଯ୍ୟନ୍ତ ଏବଂ ଜାତୀୟସ୍ତରରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପସଭାପତି ଭାବେ ୨୦୦୧-୦୨ରେ କାର୍ଯ୍ୟ କରିଛନ୍ତି। ଏଥିସହ ୧୯୯୭-୯୮ରେ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓ ୧୯୮୦-୮୫ ମଧ୍ୟରେ ଦୁଇଥର ଅବିଭକ୍ତ ଢେଙ୍କାନାଳ ଜିଲା ବିଜେପି ସଭାପତି ଭାବେ ତାଙ୍କର କାର୍ଯ୍ୟକାଳ ରହିଥିଲା। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସକ୍ରିୟ ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

୬ ବର୍ଷରେ ପ୍ରଥମ ଶ୍ରେଣୀରେ ପ୍ରବେଶ

ଭୁବନେଶ୍ୱର,୧୮/୩: ପ୍ରଥମ ଶ୍ରେଣୀ ନାମଲେଖା ନେଇ ବୟସ ଦ୍ୱନ୍ଦ୍ୱ ଦୂର କଲା ଶିକ୍ଷା ବିଭାଗ। ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ପିଲାର ବୟସ ୬ କିମ୍ବା ଏହା ଠାରୁ ଅଧିକ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ନିୟମ କାର୍ଯ୍ୟକାରୀ ନେଇ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ନିୟମ ଲାଗୁ କରାଯାଇଛି। ୬ ବର୍ଷ ବୟସ ଗଣନା ନେଇ ମଧ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ମାର୍ଚ୍ଚ ୩୧ ପରିବର୍ତ୍ତେ ସେପ୍ଟେମ୍ବର ୧ ତାରିଖକୁ ବୟସ ସୀମା ଧରାଯିବ। ସେପ୍ଟେମ୍ବର ୧ ସୁଦ୍ଧା ଯେଉଁ ଶିଶୁ ମାନଙ୍କ ବୟସ ୬ କିମ୍ବା ତଦୁର୍ଦ୍ଧ ସେମାନେ ନାମ ଲେଖାଇବେ ।ସ୍କୁଲ ସ୍ତରରେ ଜାତୀୟ ଶିକ୍ଷା ନୀତି ଲାଗୁ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ଷ୍ଟିୟରିଂ କମିଟିର ସୁପାରିସ ଅନୁଯାୟୀ ଏହି ତାଲିକା ପ୍ରସ୍ତୁତ ହୋଇଛି। ଜାତୀୟ ଶିକ୍ଷା ନୀତି ବା NEP ୨୦୨୦ ଲାଗୁ ହେବା ପରେ ଶିଶୁଙ୍କୁ ୩ ବର୍ଷ ବୟସରୁ ଶିକ୍ଷା ପରିଧିକୁ ଅଣାଯିବ। ଅଙ୍ଗନବାଡି, ପ୍ରାକ୍ ସ୍କୁଲ, ବାଲ ବାଟିକା ସହିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାଏ ମୋଟ ୫ ବର୍ଷକୁ ପ୍ରାରମ୍ଭ ବର୍ଗରେ ରଖାଯାଇଛି । ସେହିପରି ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀ ଯାଏ ପ୍ରସ୍ତୁତି ବର୍ଗ, ଷଷ୍ଠ ରୁ ଅଷ୍ଟମ ଯାଏ ମଧ୍ୟମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ମାଧ୍ୟମିକ ପର୍ଯ୍ୟାୟ ଭାବେ ବର୍ଗୀକରଣ କରାଯାଇଛି । ୬ରୁ ୮ ବର୍ଷ ଭିତରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ୮ରୁ ୧୧ ବର୍ଷ ବୟସରେ ତୃତୀୟରୁ ପଞ୍ଚମ, ୧୧ରୁ ୧୪ ବର୍ଷ ବୟସରେ ଷଷ୍ଠରୁ ଅଷ୍ଟମ ଏବଂ ୧୪ରୁ ୧୮ ବର୍ଷ ବୟସରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପାଠ ପଢ଼ିବେ। ସେହିପରି ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷାରେ ବି ବ୍ୟାପକ ସଂସ୍କାର ଆସିବ। ତେବେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା କିପରି ଢାଞ୍ଚାରେ ହେବ ତାହା ଏଯାଏ ଅସ୍ପଷ୍ଟ ରହିଛି। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୧୬ ଜଣିଆ ଷ୍ଟିୟରିଂ କମିଟି ଗଠନ କରିଥିଲା ଗଣଶିକ୍ଷା ବିଭାଗ । ବାଲ୍ ବାଟିକାଠୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଯାଏ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବା ଦାୟିତ୍ୱ କମିଟି ଉପରେ ନ୍ୟସ୍ତ କରାଯାଇଛି। ସୂଚନା ଅନୁସାରେ, ଏଥିରେ ଆଞ୍ଚଳିକ ବିଷୟ ବସ୍ତୁକୁ ଗୁରୁତ୍ୱ ମିଳିବ।

ଆଜି ସୁନୀତାଙ୍କ ପୃଥିବୀ ବାହୁଡ଼ା କାଉଣ୍ଟଡାଉନ ଆରମ୍ଭ

ନୂଆଦିଲ୍ଲୀ, ୧୮/୩: ଆସନ୍ତାକାଲି ପୃଥିବୀରେ ପହଞ୍ଚିବେ ସୁନୀତା ୱିଲିୟମ୍ସ। ଏଥିପାଇଁ ଆରମ୍ଭ ହୋଇସାରିଛି କାଉଣ୍ଟଡାଉନ୍। ଦୀର୍ଘ ୯ ମାସ ମହାକାଶରେ କାଟିବା ପରେ, ମାଟିକୁ ଛୁଇଁବେ ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା। ଆସନ୍ତାକାଲି ଭାରତୀୟ ସମୟ ମାର୍ଚ୍ଚ ୧୯ ଭୋର୍ ୩ଟା ୨୭ରେ ଆମେରିକାର ଫ୍ଲୋରିଡ଼ା ତଟରେ ମହାକାଶରୁ ସମୁଦ୍ରରେ ଓହ୍ଲାଇବେ ସୁନୀତା। ଏହାର ୧୭ ଘଣ୍ଟା ପୂର୍ବରୁ ହେବ ଡ୍ରାଗନ୍ ସ୍ପେଶକ୍ରାଫ୍ଟର ଅନ୍-ଡକିଂ ।ଯେତେବେଳେ ଇଣ୍ଟରନ୍ୟାସନାଲ ସ୍ପେଶ୍ ଷ୍ଟେସନ ଛାଡ଼ି ପୃଥିବୀ ପୃଷ୍ଠକୁ ଫେରିବା ଆରମ୍ଭ କରିବ ମହାକାଶଯାନ। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ବେଳକୁ ଏହାର ସ୍ପିଡ୍ ଥିବ ଘଣ୍ଟାପ୍ରତି ୨୭ ହଜାର କିଲୋମିଟର। ବାୟୁମଣ୍ଡଳରେ ପ୍ରବେଶ କରିବା ମାତ୍ରେ ଆରମ୍ଭ ହେବ ଅଗ୍ନିପରୀକ୍ଷା। ବାୟୁ ସହ ଘର୍ଷଣ ହୋଇ ବାହାରୁ ଏହା ଏକ ଅଗ୍ନିପିଣ୍ଡୁଳା ପାଲଟିଯିବ, ଠିକ୍ ଆକାଶରୁ ଜଳନ୍ତା ଉଲକାପିଣ୍ଡ ଖସିବା ଭଳି। ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ ଏହା ଭିତରେ ଥିବା ସୁନୀତା ଓ ଅନ୍ୟ ମହାକାଶଚାରୀଙ୍କ ଉପରେ।ଦୀର୍ଘ ୯ ମାସ ପରେ ମହାକାଶରୁ ଫେରିବେ ସୁନୀତା। ୬୦ ପରେ ତାଙ୍କର ବିଭିନ୍ନ ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି। ସୁନୀତାଙ୍କ ପାଇଁ ସହଜ ହେବନି ଚାଲିବା। ବଳ ଫେରିପାଇବାକୁ ୬ ସପ୍ତାହ ପାଇଁ ସ୍ୱତନ୍ତ୍ର ବ୍ୟାୟାମ ଓ ଖାଦ୍ୟ ସହ ରିହାବିଲିଟେସନ୍ ପିରିୟଡ୍ କାଟିବାକୁ ପଡ଼ିବ।

ତତଲାଗଡ଼ର ନୂଆ ବ୍ରାଣ୍ଡ ବୌଦ୍ଧ

ହିଟୱେଭର ନୂଆ ହଟସ୍ପଟ ପାଲଟିଛି ବୌଦ୍ଧ, ଭାଙ୍ଗିବ ଟିଟିଲାଗଡର ରେକର୍ଡ

ଭୁବନେଶ୍ୱର, ୧୮/୩: ଦିନ ଥିଲା, ହିଟୱେଭର ହଟସ୍ପଟ୍ ପାଲଟିଥିଲା ଟିଟିଲାଗଡ଼। କିଏ ଯାକୁ କହୁଥିଲା ତତଲାଗଡ଼ ତ ଆଉ କିଏ ଟିଟିଲାଗଡ଼ ଉପରେ ଗୀତ ରଚନା କରିଥିଲେ। ହେଲେ ତାପମାତ୍ରାର ସର୍ବକାଳୀନ ରେକର୍ଡ ଭାଙ୍ଗି ଏକଦା ୫୦ ଡିଗ୍ରୀ ଟପିଥିବା ଟିଟିଲାଗଡ଼ ଆଉ ଆଗ ଭଳି ନାହିଁ। ବରଂ ଚଳିତ ବର୍ଷ ବୌଦ୍ଧ ମୁହାଁଇଛି ସେହି ଦିଗରେ। କାରଣ ଏହି ମାର୍ଚ୍ଚରେ ତିନି ତିନି ଥର ଦେଶର ସବୁଠୁ ଉତ୍ତପ୍ତ ସ୍ଥାନ ପାଲଟିଲାଣି ବୌଦ୍ଧ। ତେବେ କାହିଁକି ବୌଦ୍ଧ ଏବେ ସବୁଠୁ ହଟ୍, ଆଉ ଟିଟିଲାଗଡ଼ କୁଲ୍। ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି ବୌଦ୍ଧ ତାପମାତ୍ରା। କେବେ ରାଜ୍ୟରେ ତ କେବେ ଦେଶରେ। ମାର୍ଚ୍ଚ ପହିଲାରୁ ଉପରମୁହାଁ ପାରଦ ଟ୍ରେଣ୍ଡରେ ପ୍ରାୟଦିନ ଶୀର୍ଷରେ ରହୁଛି ବୌଦ୍ଧ ସହର। ମାର୍ଚ୍ଚ ୧୨ରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ସର୍ବାଧିକ ୪୦ ଡିଗ୍ରୀ ରେକର୍ଡ କରାଯାଇଥିଲା ବୌଦ୍ଧରେ। ଏହାର ୩ ଦିନ ପରେ ଅର୍ଥାତ ମାର୍ଚ୍ଚ ୧୫ରେ ୪୨.୫, ୧୬ ତାରିଖରେ ୪୩.୬ ଏବଂ ୧୭ ତାରିଖରେ ୪୩.୫ ଡିଗ୍ରୀ ସହ ଦେଶରେ ସବୁଠୁ ଉତ୍ତପ୍ତ ସ୍ଥାନ ପାଲଟିଛି ଓଡ଼ିଶା ମଧ୍ୟଭାଗରେ ଅବସ୍ଥିତ ଏହି ସହର। ତାତି ବଢୁଥିବା ସହର ତାଲିକାରେ ଝାରସୁଗୁଡ଼ା ଓ ବରଗଡ଼ ଥିଲେ ବି ବୌଦ୍ଧ କିନ୍ତୁ ରେକର୍ଡ ପରେ ରେକର୍ଡ କରିଚାଲିଛି। ତେବେ କାହିଁକି ସାରା ଦେଶରେ ଉତ୍ତପ୍ତ ସ୍ଥାନ ପାଲଟିଛି ବୌଦ୍ଧ ତାକୁ ନେଇ ପ୍ରଶ୍ନ ଭିତରେ ଆଶଙ୍କା ବଢ଼ାଇଛି ଗଞ୍ଜେଇ ଚାଷ ପାଇଁ ଜଙ୍ଗଲ ପୋଡ଼ି। ଜିଲ୍ଲାର ୩ଟି ବ୍ଲକର ଜଙ୍ଗଲରେ ଏବେ ନିଆଁ ଜଳୁଛି। ତାସହ

ବେଧଡ଼କ ଭାବେ ମୁଣ୍ଡ ଟେକିଛି ଗଣ୍ଡା ଗଣ୍ଡା ପଥର କ୍ରସର୍ ୟୁନିଟ୍। ଅପରପକ୍ଷେ ଜଳସ୍ରୋତ ହ୍ରାସ ପାଇ ମହାନଦୀ ଶଯ୍ୟା ବି ଶୁଖିଲା ପଡ଼ିଛି। ଫଳରେ ବୌଦ୍ଧରେ ତାତି ରେକର୍ଡ କରୁଥିବା ଆକଳନ କରିଛନ୍ତି ପରିବେଶବିତ୍। ଏତ ଗଲା ବୌଦ୍ଧର କଥା। ଏକଦା ହିଟୱେଭର ହଟସ୍ପଟ୍ ସାଜିଥିବା ଟିଟିଲାଗଡ଼ କଥା ଥରେ ମନେପକାନ୍ତୁ। ୨୦୦୩ ଜୁନ ୫ ତାରିଖ। ପାଣିପାଗ ବିଶେଷଜ୍ଞଙ୍କ ତଥ୍ୟ ଅନୁଯାୟୀ, ଶେଷ ଥର ପାଇଁ ଏଠିକାର ପାରଦ ୫୦ ଡିଗ୍ରୀ ଟପିଥିଲା। ୫୦.୧ ଡିଗ୍ରୀ ସହ ସର୍ବକାଳୀନ ରେକର୍ଡ କରିଥିଲା ସେହି ବର୍ଷ। ସେହିପରି ୧୯୯୯ ମସିହା ଏପ୍ରିଲ ୩୦ରେ ୪୮.୧, ୨୦୧୬ ଏପ୍ରିଲ୍ ୨୧ରେ ୪୮ ଏବଂ ଏପ୍ରିଲ ୨୨ରେ ୪୮.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ତା'ର କାରଣ ଥିଲା ଟିଟିଲାଗଡ଼କୁ ସଂଲଗ୍ନ ଲଣ୍ଡା କୁମୁଡ଼ା ପାହାଡ଼। ଏହି ପାହାଡ଼ ଟାଙ୍ଗରା ଥିଲା ଏବଂ ଆଖପାଖ ଜଳ ଉତ୍ସଗୁଡ଼ିକ ଶୁଖିଲା ରହୁଥିଲା। ଯାହାକୁ ନେଇ ଉଦବେଗ ପରେ ଡେରାଡୁନ ସ୍ଥିତ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରୁ ଏକ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ୧୦ କୋଟି ଅନୁଦାନରେ ହାତକୁ ନିଆଯାଇଥିଲା ବନୀକରଣ ପ୍ରକଳ୍ପ। ନିମ୍ବ, ବର ଗଛ ସହ ଘାସ ଲଗାଇ ଲଣ୍ଡା ପାହାଡ଼କୁ ସବୁଜିମାରେ ପରିବର୍ତ୍ତନ କରିଥିଲେ ସ୍ଥାନୀୟ ଲୋକ ଏବଂ ବନବିଭାଗ। ତା'ସହ ଜଳ ଉତ୍ସଗୁଡ଼ିକର କରାଯାଇଥିଲା ପୁନରୁଦ୍ଧାର। ଏହାର ପ୍ରଭାବରେ ଗତ କିଛି ବର୍ଷ ହେଲା ଏଠିକାର ତାପମାତ୍ରାରେ ସୁଧାର ଆସିଛି। ଅପେକ୍ଷାକୃତ କମ୍ ରହୁଛି ତାତି। ଏବେ ମାର୍ଚ୍ଚ ଆସି ଅଧାରେ। ଆଗକୁ ଏପ୍ରିଲ୍-ମେ। ତେଣୁ ଅସଲ ଗ୍ରୀଷ୍ମ ପ୍ରବାହବେଳକୁ ଟିଟିଲାଗଡ଼ର ରେକର୍ଡ କାଟିବନି ତ ବୌଦ୍ଧ, ସେନେଇ ବଢ଼ିଛି ଆଶଙ୍କା।

କଟକକୁ ଯୋଡ଼ିହେବ ମେଟ୍ରୋ ପ୍ରକଳ୍ପ

ଭୁବନେଶ୍ୱର, ୧୮/୩: କଟକକୁ ଯୋଡ଼ିହେବ କି ମେଟ୍ରୋ ପ୍ରକଳ୍ପ ରାଜ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର ପରିସର ବୃଦ୍ଧି କରାଯିବ। ଏଥିପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ ହୋଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ରହିଛି। ପୂର୍ବ ସରକାର ଏୟାରପୋର୍ଟରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋର ପରିକଳ୍ପନା କରିଥିଲେ। ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଲୋକେ ତ୍ରିଶୁଳିଆ ପର୍ଯ୍ୟନ୍ତ ଯାଇ କ'ଣ କରିବେ, କଟକ ପର୍ଯ୍ୟନ୍ତ ଯିବାର ଆବଶ୍ୟକତା ରହିଛି। ସେହିଭଳି ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ଯିବାର ଆବଶ୍ୟକତା ରହିଛି। ବୈଷୟିକ ବିଶେଷଜ୍ଞଙ୍କୁ ନେଇ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟି ସର୍ଭେ ମଧ୍ୟ କରୁଛି। କେଉଁଠୁ କେଉଁ ପର୍ଯ୍ୟନ୍ତ ଗଲେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ସେ ନେଇ କମିଟି ତର୍ଜମା କରୁଛି। ଏହାର ପରିଧିକୁ ବିସ୍

ବରଗଡ଼ରେ ଆଳୁର ଅଭାବୀ ବିକ୍ରି

ଚାଷ ବଢ଼ିଛି, ଆୟ କମିଛି, ଜିଲ୍ଲାରେ ନାହିଁ ସରକାରୀ ଶୀତଳଭଣ୍ଡାର

ବରଗଡ଼,୧୮/୩: ଆଳୁ କିଲୋ ପ୍ରତି ଚାଷୀ ବିକୁଛି ୯ରୁ ୧୦ ଟଙ୍କା। ନିଜ ଶ୍ରମର ବି ପାଉଣା ମିଳୁନି। ଶୀତଳଭଣ୍ଡାର ନଥିବାରୁ ଚାଷୀମାନେ ଘୋର କ୍ଷତି ସହୁଛନ୍ତି। ବରଗଡ଼ ଜିଲ୍ଲାରେ ଆଳୁ ଚାଷ ଭଲ ହୋଇଥିଲେ ମଧ୍ୟ ଅଭାବୀ ବିକ୍ରିର ଶିକାର ହେଲେଣି ଚାଷୀ। ଚାଷ ପରିମାଣ ବଢୁଛି, କିନ୍ତୁ ଚାଷୀଙ୍କ ଆୟ କମିଚାଲିଛି। ମିଳିଥିବା ସୂଚନା ଅନୁସାରେ, ବରଗଡ଼ ଜିଲ୍ଲାରେ ଚଳିତ ବର୍ଷ ପ୍ରାୟ ୬୦୦ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଛି। ସେଥିମଧ୍ୟରୁ ୩୪୦ ହେକ୍ଟର ଜମିରେ ହୋଇଥିବା ଚାଷରେ ଉଦ୍ୟାନ ବିଭାଗ ପକ୍ଷରୁ ସରକାରୀ ସହାୟତା ତଥା ବିହନରେ ରିହାତି ଦିଆଯାଇଛି। ବିହନ ହିମାଚଳପ୍ରଦେଶ କୁଫରୀ, ପଞ୍ଜାବର ଜଳନ୍ଧରରୁ ଆସୁଛି। କିଲୋ ପ୍ରତି ଅଧା ଦରରେ ତାହା ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ନିଜ ହିସାବରେ ଅନ୍ୟ ଚାଷୀମାନେ ଚାଷ କରିଛନ୍ତି। ଏଥର ଭଲ ଚାଷ ହୋଇଥିଲେ ମଧ୍ୟ ଚାଷୀମାନେ ଯେଉଁ ଦରରେ ବଜାରରେ ବିକ୍ରି କରିବା କଥା ତାହା କରିପାରୁନାହାନ୍ତି। ବର୍ତ୍ତମାନ ଆଳୁର ବଜାର ଦର କିଲୋ ପ୍ରତି ୨୦ ଟଙ୍କା ରହିଛି। ଏଣୁ ବେପାରୀ ଆସି ଚାଷୀଙ୍କଠାରୁ ୯ରୁ ୧୦ ଟଙ୍କା ଦରରେ ଆଳୁ ନେଉଛନ୍ତି। ଏପଟେ ଆଳୁ ରଖିବାକୁ ଶୀତଳଭଣ୍ଡାର ନଥିବାରୁ ଚାଷୀମାନେ ବାଧ୍ୟ ହୋଇ କମ୍ ଦରରେ ବେପାରୀଙ୍କ ହାତକୁ ଟେକି ଦେଉଛନ୍ତି। ଜମୁର୍ଡା, ତିଲପାଲି, ସର୍ଲା ଆଦି ଗ୍ରାମର ଆଳୁ ଚାଷୀଙ୍କ କହିବା କଥା ହେଲା, ଯେତିକି ଖର୍ଚ୍ଚ ଚାଷରେ ହୋଇଛି, ସେତିକି ମିଳିପାରୁନି। ସରକାରୀ ସହାୟତା କିଛି ମିଳୁନଥିବା କହିବା ସହ ଶୀତଳଭଣ୍ଡାର ଥିଲେ କିଛି ଲାଭବାନ ହୋଇପାରିବେ ବୋଲି କହିଛନ୍ତି। ଚାଷୀ କରୁଣାକର ଭୋଇ କହିଛନ୍ତି, ନିଜେ ଅଢ଼େଇ ଏକର ଜମିରେ ଚାଷ କରିଥିଲେ। ଏବେ କମ୍ ଦରରେ ବେପାରୀଙ୍କୁ ଆଳୁ ଦେଉଛନ୍ତି। ଶ୍ରମିକ ଖର୍ଚ୍ଚ ମଧ୍ୟ ଠିକରେ ବାହାରୁନି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାର ଭଟଲି ଓ ଅମ୍ବାଭୋନା ବ୍ଲକ୍‌ରେ ସର୍ବାଧିକ ଆଳୁ ଚାଷ ହେଉଛି। କିନ୍ତୁ ଆବଶ୍ୟକ ସୁବିଧା ନଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏପରିକି ବରଗଡ଼ ଜିଲ୍ଲା କୃଷିଭିତ୍ତିକ ହୋଇଥିଲେ ସୁଦ୍ଧା ଏଯାଏଁ ଗୋଟିଏ ମଧ୍ୟ ସରକାରୀ ଶୀତଳଭଣ୍ଡାର ନାହିଁ। ଏକ ଘରୋଇ ଶୀତଳଭଣ୍ଡାର କେବଳ ରହିଛି। ଆଗକୁ ଆଉ ଦୁଇଟି ଶୀତଳଭଣ୍ଡାର ହେବାକୁ ପ୍ରସ୍ତାବ ଥିଲେ ମଧ୍ୟ ତାହା ସରକାରୀ ନ ହୋଇ ଘରୋଇ ହେବ ବୋଲି ସୂଚନା ମିଳିଛି। ଜିଲ୍ଲାରେ ବହୁ ବର୍ଷ ପୂର୍ବରୁ ଏକ ସମବାୟ ସଂସ୍ଥା ଦ୍ୱାରା ପରିଚାଳିତ ଶୀତଳଭଣ୍ଡାର ଥିଲା। ଯାହାକି ୧୯୯୨-୯୩ ମସିହାରୁ ବନ୍ଦ ହୋଇଯାଇଛି। ଏପଟେ ଚାଷୀମାନେ ହତାସନ୍ତ ହେଉଛନ୍ତି। ଏ ନେଇ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ପଚରାଯିବାରୁ କହିଛନ୍ତି, ଆଳୁ ଚାଷ ବିଗତ ବର୍ଷ ତୁଳନାରେ ବଢ଼ିଛି। ପୂର୍ବରୁ ଠିକ୍ ଦର ଚାଷୀମାନେ ପାଉଥିଲେ। ଏବେ କମ୍ ଦରରେ ବିକୁଥିବା ନଜରକୁ ଆସିଛି। ଖୁବ୍‌ଶୀଘ୍ର ଜିଲ୍ଲାରେ ଆଉ ଦୁଇଟି ଶୀତଳଭଣ୍ଡାର ହେବ ବୋଲି ସେ କହିଛନ୍ତି।

ମହିଳା ଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କଳିଙ୍ଗ ମହିଳା ଶକ୍ତିର ପ୍ରୟାସ

ପାରାଦ୍ୱୀପ,୧୮/୦୩(ନି.ପ୍ର): ବିଶ୍ୱ ପାଳୁଛି ଆନ୍ତର୍ଜାତୀୟ ମହିଳା ଦିବସ ସେଇ ପରି ପ୍ରେକ୍ଷିରେ ଏକ ସପ୍ତାହ ଧରି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଆସୁଛି କଳିଙ୍ଗ ମହିଳା ଶକ୍ତି । ଏହି ଅବସରରେ ମହିଳା ଦିବସ ର ଶେଷ ଦିନରେ କୁଜଙ୍ଗ ବ୍ଲକ ଗଣ୍ଡକିପୁର ଗ୍ରାମରେ ଶତାଧିକ ମହିଳା ମାନଙ୍କୁ ନେଇ ଏକ ସଭା ଆୟୋଜନ କରିବା ସହିତ ସ୍ଥାନୀୟ ଅଞ୍ଚଳର ଫତେପୁର, ବଗଦିଆ, କୋଠି, ଡ଼ାଲିମ୍ବପୁର, ପ୍ରତାପୁର, କୁଜଙ୍ଗ,ବଳରାମପୁର ଓ ଗଣ୍ଡକିପୁର ଗ୍ରାମର ମହିଳା ମାନଙ୍କୁ ୪୦ ଗୋଟି ସିଲେଇ ମେସିନ ପ୍ରଦାନ କରିଥିଲେ କଳିଙ୍ଗ ମହିଳା ଶକ୍ତି। ଆଗାମୀ ଦିନରେ ଅଞ୍ଚଳର ମହିଳା ମାନଙ୍କୁ ସଶକ୍ତ କରିବା ସହିତ ଆତ୍ମନିର୍ଭରଶୀଳ କରିବା ପାଇଁ କଳିଙ୍ଗ ମହିଳାଶକ୍ତି ତରଫରୁ ଭିନ୍ନ କାର୍ଯ୍ୟକ୍ରମ ମାନ ଆପଣାଇବା ସହିତ କିପରି ସ୍ଥାନୀୟ ଶିଳ୍ପସଂସ୍ଥା ମାନଙ୍କ ସିଏସଆର ଅର୍ଥରେ ଅଞ୍ଚଳର ଉନ୍ନତି କରାଯାଇ ପାରିବ ଏବଂ ଯେଉଁ ମହିଳା ମାନେ ଶିକ୍ଷିତ ସେମାନଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶିଳ କରାଯାଇ ପାରିବ ଏହା କଳିଙ୍ଗ ମହିଳାଶକ୍ତି ର ପ୍ରୟାସ ରହିବ ବୋଲି କହିଥିଲେ ସଂଗଠନ ର ଅଧକ୍ଷା ମନୋରମା ଖଟୁଆ । ଏହି ସଂଗଠନ ନିଶା ନିବାରଣ କଥା ହେଉ ବାୟୁ ପ୍ରଦୁଷଣ,ଜଳ ପ୍ରଦୁଷଣ, ଅଠରବାଙ୍କି ରୁ ଦୋଛକି ରାସ୍ତାର ମରାମତି କଥା ହେଉ ସବୁରି କଥା ଉପରେ ଶ୍ୱର ଉଠାଇ ଆସିଛି ଓ ଦୀର୍ଘ ପାଞ୍ଚବର୍ଷ ଧରି କଳିଙ୍ଗ ମହିଳା ଶକ୍ତି ପାରାଦ୍ୱୀପ ଅଞ୍ଚଳର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ କାର୍ଯ୍ୟକରି ଆସିଛି। ପାରାଦ୍ୱୀପ ଅଞ୍ଚଳରେ ଦିନକୁ ଦିନ ବଢୁଥିବା ପ୍ରଦୂଷଣ କୁ ଦୂର କରିବା ପାଇଁ କଳିଙ୍ଗ ମହିଳା ଶକ୍ତି ରାଜରାସ୍ତା କୁ ଓହ୍ଲାଇବା ନେଇ କହିଥିଲେ ମନୋରମା ଖଟୁଆ । ଏହି ସଭାରେ କଳିଙ୍ଗ ମହିଳା ଶକ୍ତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ଗଣ୍ଡକିପୁର ଗ୍ରାମର ଗ୍ରାମ୍ୟ କମିଟି ସଭାପତି ରବିନ୍ଦ୍ର ସାମଲ, ଗ୍ରାମ୍ୟ କମିଟି ସଭ୍ୟ ରବିନ୍ଦ୍ର ମାଝୀ, ଧିରେନ୍ଦ୍ର ସାମଲ, ଜୟଦେବ ମହାପାତ୍ର, ଡ଼ ସୁଧାଶୁଂ ଶେଖର ମହାପାତ୍ର ପାଙ୍ଗରା ଉ.ପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଦିପ କୁମାର ରାଉତ ପ୍ରମୁଖ ସଭାରେ ଉପସ୍ଥିତ ରହିଥିଲେ।

ନାହିଁ ନାହିଁରେ ଚାଲିଛି ଜୀବନ, ମିଳୁନି ମୌଳିକ ସୁବିଧା

ରେଙ୍ଗାଲିକ୍ୟାମ୍ପ,୧୭/୩: ପାନୀୟ ଜଳ, ରାସ୍ତା ଆଉ ବିଦ୍ୟୁତ୍ ମଣିଷର ମୌଳିକ ଅଧିକାର । ଏହି ଅଧିକାରରୁ ଜଣେ ବି ବଞ୍ଚିତ ହେବେ ନାହିଁ ବୋଲି ନେତା ମନ୍ତ୍ରୀମାନେ ଭାଷଣ ଦେଉଥିବାବେଳେ ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ରାଉତପଡ଼ାରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି । ଏଠାରେ ୫୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାୟ ୧୦୦ ବର୍ଷରୁ ଅଧିକ ହେବ ବସବାସ କରିଆସୁଛନ୍ତି । ଏମାନଙ୍କ ଜୀବନ ସଂଗ୍ରାମକୁ ନେଇ ଅନେକ ଥର ଅନେକ ଖବର କାଗଜରେ ଦୃଷ୍ଟି ନିକ୍ଷେପ କରାଯାଇଛି । ହେଲେ ସମସ୍ତେ ଯେମିତି ସ୍ଥାଣୁ ପାଲଟି ଯାଇଛନ୍ତି ଏହି ମାନଙ୍କ ପାଇଁ । ବ୍ଲକରୁ ମାତ୍ର ୫ କିମି ଦୂରରେ ରହିଛି ଏହି ପଡ଼ା । ପାନୀୟ ଜଳ ପାଇଁ ମୁକ ସାକ୍ଷୀ ପରି ରହିଛି ଗୋଟିଏ ଅଚଳ ନଳକୂପ ଯାହାକୁ ଦେଖି ସରକାର ବୋଧେ ନିଜକୁ ସାନ୍ତ୍ୱନା ଦେଉଛନ୍ତି ତାଙ୍କର ବିକାଶ କରିଥିବା ନେଇ । ପଡ଼ାର ଏକ ବଦାନ୍ୟ ବ୍ୟକ୍ତିଙ୍କ ବଦାନ୍ୟତା ଯୋଗୁ ବୋଧେ ପଡ଼ାବାସୀ ବଞ୍ଚିରହିଛନ୍ତି । ତାଙ୍କର ଏକ ଖୋଲା କୂଅ ଉପରେ ସମସ୍ତେ ପାନୀୟ ଜଳ ପାଇଁ ବାଧ୍ୟ ହେଉଛନ୍ତି ।ବର୍ଷା ଦିନରେ ଉକ୍ତ କୂଅର ପାଣି ଗୋଳିଆ ହୋଇଯାଏ । ଏହି ଗୋଳିଆ ପାଣି ପିଇ ପିଇ ପଡ଼ାର ଦୁଇଟି ଶିଶୁ ଝାଡ଼ା ବାନ୍ତିରେ ମୃତ୍ୟୁ ବରଣ କରିସାରିଛନ୍ତି । ସେତେବେଳେ ଏହି ଖବର ପାଇ ଡାକ୍ତରୀ ଦଳ ମଧ୍ୟ ପହଞ୍ଚି ଲୋକଙ୍କୁ ପରୀକ୍ଷା କରି ଦୂଷିତ ପାଣି ଯୋଗୁଁ ଝାଡା ବାନ୍ତି ହେଉଥିବା ଦର୍ଶାଇଥିଲେ । କିନ୍ତୁ ତାଙ୍କ ପାଇଁ କିଛି ବିକଳ୍ପ ନଥିବାରୁ ବାଧ୍ୟ ହୋଇ ପୁଣି ଆଜିଯାଏଁ କୂଅ ପାଣି ବ୍ୟବହାର କରୁଛନ୍ତି । ପୂର୍ବ ସରକାର ଥିବାବେଳେ ମାଟି ଖୋଳି ବଡ ବଡ଼ ପାଣି ପାଇପ ପୋତିଛନ୍ତି, କିନ୍ତୁ

କେବଳ ଭସା ବାଦଲକୁ ଦେଖି କଣ ଚାତକର ଶୋଷ ମେଣ୍ଟି ଥାଏ ? ଯେଉଁଠି ଜଳର ବନ୍ୟା , ସେଇଠି ୨୪ ଘଣ୍ଟା ପାଣି ଯୋଗାଇ ଦିଆଯାଉଛି , କିନ୍ତୁ ଏଠି ମଣିଷ ପାଣି ଟୋପେ ପାଇଁ ନିଜ ଜୀବନକୁ ବାଜି ଲଗାଇଛନ୍ତି । ଖାଲି ଯେ ପାନୀୟ ଜଳ ପାଇଁ ପଡ଼ାବାସୀ ସଂଘର୍ଷ କରୁଛନ୍ତି ତା ନୁହେଁ, ରାସ୍ତା କଥା ତା ଠାରୁ ଆହୁରି ଦୁଃଖଦ । ବର୍ଷା ଦିନ ହେଲେ ଏହି ପଡ଼ାରୁ ଖଟରେ ରୋଗୀ ବୁହାହୋଇ ଡାକ୍ତରଖକ୍ଷନକ୍ଷକୁ ନିଆଯାଉଥିବା ଖବର ଅନେକ ଖବର କାଗଜର ମୁଖ୍ୟ ଖବର ପାଲଟିଥାଏ । ଏବେ ଚାଲିଛି ଆବାସ ଯୋଜନାର ସର୍ବେକ୍ଷଣ । ଏମିତି ଆଗରୁ ବି ଅନେକ ଥର ସର୍ବେକ୍ଷଣ ହୋଇସାରିଛି । ମାତ୍ର ଏତେ ବର୍ଷ ଭିତରେ ଦୁଇ ଜଣ ହିତାଧିକାରୀ ଘର ପାଇଛନ୍ତି । ଅନ୍ୟମାନେ ଆଜି ସୁଦ୍ଧା କେଉଁ କାରଣରୁ ହିତାଧିକାରୀର ଯୋଗ୍ୟତା ପାଇଁ ନାହାନ୍ତି ତାହା ସର୍ବେକ୍ଷଣକାରୀଙ୍କୁ ହିଁ ଜଣାଥିବ । ଘର, ପାଣି ଆଉ ରାସ୍ତା ପାଇଁ ପଡ଼ାବାସୀ ଅନେକ ଥର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇ ସାରିଛନ୍ତି, କିନ୍ତୁ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ । ତେବେ ଦେଖାଯାଉ ଆଉ କେତେଦିନ ପରେ ଏହି ପଡ଼ାବାସୀଙ୍କ ଜୀବନ ସଂଗ୍ରାମର ପୁର୍ଣ୍ଣଛେଦ ପଡୁଛି ।

ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୪ ବ୍ୟାଚ ର ବାର୍ଷିକ ବନ୍ଧୁ ମିଳନ

ପାରାଦୀପ, ତା୧୮/୩(ନି.ପ୍ର) ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୪ ବ୍ୟାଚ ର ବାର୍ଷିକ ବନ୍ଧୁମିଳନ ଉତ୍ସବ ଉତ୍ସାହ ଉଦ୍ଦୀପନା ସହ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲ ରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରାୟ ୪୦ ରୁ ଉର୍ଦ୍ଧ ପୁରାତନ ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ଛାତ୍ର ଜୀବନ ର ପୁରୁଣା ସ୍ମୃତି କୁ ସ୍ମରଣ କରି ଭାବବିହ୍ୱଳ ହୋଇ ପଡିଥିଲେ। ଏଥିରେ ସମସ୍ତେ ନିଜ ଦୀର୍ଘ ଜୀବନର ଅନୁଭୂତି ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆତ୍ମବିଭୋର ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ମିର୍ଜା ଅଜଗର ବେଗ, ପ୍ରକାଶ ମହାନ୍ତି, ମନୋଜ ବେହେରା,ସଞ୍ଜୀବ ସାହୁ, ନୃସିଂହ ଶତପଥୀ,ଶଶାଙ୍କ ଆଚାର୍ଯ୍ୟ, ବିଜୟ ଓଝା, ପ୍ରମୋଦ ସାହୁ,ତୁଷାର ଭୋଇ,ନଳିନୀ ସାହୁ,ଜ୍ୟୋତ୍ସ୍ନା ନାୟକ, ସ୍ମୃତିରେଖା ପଣ୍ଡା, ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ । ତେବେ ଦୀର୍ଘ ୪୧ ବର୍ଷ ସ୍କୁଲ ଛାତ୍ର ଜୀବନ ପରେ ବୟସର ଅପରାହ୍ନ ରେ ଏହିପରି ବନ୍ଧୁମିଳନ କାର୍ଯ୍ୟକ୍ରମ ଦୀର୍ଘ ୬ ବର୍ଷ ଧରି ଚାଲୁଅଛି। ଆସନ୍ତା ବର୍ଷ ପାରାଦୀପ ରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ହେବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା ।

ବେଧଡ଼କ ଜଙ୍ଗଲ କଟା ପ୍ରସଙ୍ଗ, ଗଣମାଧ୍ୟମର, ତେଜିଲା ବନ ବିଭାଗ ୬ ଜଣଙ୍କୁ କୋର୍ଟ ଚାଲାଣ କଲା ବିଜେପୁର ବନବିଭାଗ

କଳାହାଣ୍ଡି /ଲାଞ୍ଜିଗଡ,୧୮/୩: ଲୋକେ ନିର୍ଭୟରେ ହେକ୍ଟର ହେକ୍ଟର ମୂଲ୍ୟବାନ ଗଛ କାଟି ଅବଶିଷ୍ଟାଂଶକୁ ପୋଡିଦେଇ ବେଆଇନ ଭାବେ ପୋଡୁ ଚାଷ କରୁଥିବା ବେଳେ ଏହାକୁ ନେଇଁ ଅଞ୍ଚଳରେ ତୀବ୍ରଅସନ୍ତୋଷ ପ୍ରକାଶ ପାଇବା ସହ ଅଭିଯୋଗ ସହ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ହୋଇଥିଲା। ଏପରି ଅଭିଯୋଗ ହୋଇଥିଲା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଦକ୍ଷିଣ ବନାଞ୍ଚଳ ବିଜେପୁର ସେକସନ ଘାଟିକୁଣ୍ଡରୁ ଜଙ୍ଗଲର ।ଉକ୍ତ ଜଙ୍ଗଲ ବିଜେପୁର ବନାଞ୍ଚଳ କାର୍ଯ୍ୟାଳୟରୁ ହାରାହାରି ୬ କି.ମି. ଦୂରତା ହେଉଥିବା ବେଳେ ଘାଟିକୁଣ୍ଡରୁ ଠାରୁ ପାହାଡ଼ ପଦର ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡ଼ ଦୁଇ ପାର୍ଶ୍ୱରେ ବେଆଇନ ଭାବେ ହେକ୍ଟର ହେକ୍ଟର ଜଙ୍ଗଲ କଟା ଚାଲିଥିଲା କିନ୍ତୁ ସେହି ରାସ୍ତା ଦେଇ ବିଜେପୁର ବନବିଭାଗ କର୍ମଚାରୀ ମାନେ ପ୍ରତି ଦିନ ଯିବା ଆସିବା କରୁଥିଲେ ହେଁ ବନବିଭାଗ କର୍ମଚାରୀ ମାନଙ୍କ ନଜର ପଡୁ ନ'ଥିଲା କି ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉନଥିଲା ।ଗଣମାଧ୍ୟମ ର ପ୍ରକାଶ ପରେ ବିଜେପୁର ବନବିଭାଗ ତତ୍ପରତା ଦେଖାଇ ଗମ୍ଭୀରତାର ସହିତ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ସତ୍ୟାସତ୍ୟ ପାଇ ମଦନଗୁଡା ଗାଁର ଲାଞ୍ଜି ମାଝୀ(୫୫)ଦିପେନ ସୁନା(୨୦)ରାମ ମାଝୀ(୨୭)ସାଇବୁ ମାଝୀ(୨୩)ବନାଙ୍ଗ ମାଝୀ(୫୦)କାକୁଡା ମାଝୀ(୫୩)କୁ ଗିରଫ କରି ୬ଜଣଙ୍କୁ କୋଟଚାଲାଣ କରିଥିବା ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବର ସୂଚନା ଦେଇଛନ୍ତି।ସୂଚନା ମତେ ଉକ୍ତ ଜଙ୍ଗଲରେ ଶାଳ,ହରିଡ଼ା, ବାହାଡ଼ା,ଅଁଳା,ବିଜା ଭଳି ଅନେକ ମୂଲ୍ୟବାନ ଗଛକୁ ଏମାନେ ସମ୍ପୂର୍ଣ୍ଣ ବେଆଇନ ଭାବେ କାଟି ଅବଶିଷ୍ଟାଂଶକୁ ପୋଡ଼ିଦେଇ ପୋଡୁ ଚାଷ କରୁଥିଲେ। ଏହି ଅଭିଯୋଗକୁ ନେଇଁ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବନବିଭାଗ ତତ୍ପରତା ଦେଖାଇ ଜଙ୍ଗଲ ମାଫିଆଙ୍କୁ ଗିରଫ କରି କୋଟଚାଲାଣ କରିବାରେ ସଫଳ ହୋଇଛି । ତେବେ ଜଙ୍ଗଲ ମାଫିଆଙ୍କ ବିରୋଧରେ ବନବିଭାଗ ଏହି ଭଳି ପଦକ୍ଷେପ ନେଲେ ଆଗାମୀ ଦିନରେ ବନ୍ୟ ଜୀବଜନ୍ତୁଙ୍କ ସହ ଜଙ୍ଗଲ ସୁରକ୍ଷିତ ରହିବ ବୋଲି ଅନୁମେୟ ହୁଏ ଓ ବନବିଭାଗର ଏହି ଭଳି ପଦକ୍ଷେପକୁ ଅଞ୍ଚଳ ଲୋକେ ସ୍ୱାଗତଯୋଗ୍ୟ ବୋଲି ମତପ୍ରକାଶ କରିଛନ୍ତି।

ପାରାଦୀପରେ ୨୨ତମ ଜାତୀୟ ନାଟକ ମହୋତ୍ସବ କାନଫେଷ୍ଟ ୨୦୨୫ ମାର୍ଚ୍ଚ ୧୯ରୁ ୨୬

ପାରାଦୀପ, ତା୧୮/୩(ନି.ପ୍ର) ବନ୍ଦର ନଗରୀ ପାରାଦୀପରେ ନାଟ୍ୟ ଆନ୍ଦୋଳନ ସୃଷ୍ଟି କରିବା ତଥା ରାଜ୍ୟ ଏବଂ ଦେଶର ବିଭିନ୍ନ ମଞ୍ଚରେ ନିଜସ୍ୱ ନାଟକ ପ୍ରସ୍ତୁତ କରି ପ୍ରଶଂସା ସାଉଁଟି ଥିବା ଅନନ୍ୟ ଅନୁଷ୍ଠାନ କାନମାସ ପ୍ରତି ବର୍ଷ ପରି ଚଳିତ ବର୍ଷ ୧୯ ମାର୍ଚ୍ଚ ଠାରୁ ୨୬ ମାର୍ଚ୍ଚ ପର୍ଯ୍ୟନ୍ତ ୮ ଦିନ ଧରି ପାରାଦୀପର ସ୍ଥାନୀୟ ବାଣୀପୀଠ ଜୟଦେବ ସଦନ ଠାରେ ୨୨ତମ ଜାତୀୟ ନାଟକ ମହୋତ୍ସବ କାନଫେଷ୍ଟ, ୨୦୨୫ ଆୟୋଜିତ କରିବାକୁ ଯାଉଛି । ନାଟକ ମହୋତ୍ସବର ଅବ୍ୟବହିତ ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାନମାସର ସମ୍ପାଦକ ଶ୍ରୀମନ୍ ମିଶ୍ର ମହୋତ୍ସବ ସମ୍ବନ୍ଧରେ ବିବରଣୀ ରଖିଥିଲେ ଏବଂ ଏ ବର୍ଷ ନାଟକ ମହୋତ୍ସବରେ କେବଳ ନୂତନ ନିର୍ଦ୍ଦେଶକ ମାନଙ୍କର ନାଟକ ପରିବେଷିତ ହେବ ବୋଲି କହିଥିଲେ । ସାମ୍ବାଦିକ ସମ୍ମିଳନୀରେ କାନମାସର ଉପ ସଭାପତି ସନ୍ତୋଷ ସାମଲ ଓ ମିଡ଼ିଆ ସଂଯୋଜକ ନିରୋଜ ପଟ୍ଟନାୟକ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟ ଯଥା ଓଡ଼ିଶା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ନୂଆ ଦିଲ୍ଲୀ, କେରଳ, ପଶ୍ଚିମବଙ୍ଗର ନାଟ୍ୟ ଅନୁଷ୍ଠାନ ମାନେ ଓଡ଼ିଆ,ସମ୍ବଲପୁରୀ, ହିନ୍ଦୀ, ମଲୟାଲମ୍, ବଙ୍ଗଳା ଆଦି ଭାଷାର ନାଟକ ମଞ୍ଚସ୍ଥ କରିବେ । ଉଦ୍ଘାଟନୀ ସଂଧାରେ ସମ୍ପୋର୍ଣ୍ଣମ, ମୁମ୍ବାଇ କୁଲଭିନ୍ଦର ବକ୍ସି ସିଂହଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ କର୍ଣ୍ଣ, ୨ୟ ସଂଧାରେ ସିରିଅସ ଜୋନ, ନୟାଗଡ ଯାମିନିକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ବାଂଝ, ୩ୟ ସଂଧାରେ ସମ୍ମୁଖ ରଙ୍ଗ ମଣ୍ଡଳୀ, ନୂଆଦିଲ୍ଲୀ ଅରବିନ୍ଦ ସିଂହଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ରୁଦାଲି, ୪ର୍ଥ ସଂଧାରେ ଲୋକ ଧ୍ରମି, କୋଚୀ, କେରଳ ଡକ୍ଟର ଚନ୍ଦ୍ର ଦାସନଙ୍କ ନିର୍ଦ୍ଦେଶନାରେ ମଲୟାଲମ୍ ନାଟକ ଦ ବୋଟ ବଏ ଓ ଦ ଲ୍ଲ, ପଦମପୁର, ଓଡ଼ିଶା ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ରଙ୍ଗଭୂମି, ୫ମ ସଂଧାରେ ରଙ୍ଗସାଧକ୍ ଥିଏଟର ଗ୍ରୁପ, ମଧ୍ୟପ୍ରଦେଶ ମନୋଜ ସୋନୀଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ସାନ ୨୦୨୫, କୋରାପୁଟ କଲ୍ଲରାଲ ସୋସାଇଟି ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଦେଶିଆ/ଓଡ଼ିଆ ଭାଷାର ନାଟକ ରେମୋ, ୬ଷ୍ଠ ସଂଧାରେ ଜାଗରଣ ଆର୍ଟ ଇଣ୍ଟରନେସନାଲ, ଦେଓଗଡ଼ ସୁଜିତ୍ ପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ଲୁହର ରଙ୍ଗ, ୭ମ ସଂଧାରେ ବେଙ୍ଗଲ ରିପୋର୍ଟରେ, କଲିକତା ସୁମନ ଶାହାଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ କଥା କର୍ଣ୍ଣଭାର, ଉଦଯାପନୀ ସନ୍

ଜିଲ୍ଲା ପାଳ ଅଫିସ୍ ଆଗରେ ଗର୍ଜିଲେ ଅଙ୍ଗନବାଡି କର୍ମୀ ସହରରେ ପ୍ରତିବାଦ ଶୋଭାଯାତ୍ରା

ଭବାନୀପାଟଣା ତା ୧୮/୩(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲାର ୧୩ ଟି ବ୍ଲକ ସମେତ ସମସ୍ତ ମ୍ୟୁନସିପାଲିଟି, ବିଜ୍ଞାପିତ ଅଂଚଳ ପରିଷଦ ର ହଜାର ହଜାର ଅଙ୍ଗନବାଡି କର୍ମୀ ବାଲାଜୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ।ପରେ ପରେ କଳାହାଣ୍ଡି ଜିଲ୍ଲା ସଭାପତି ଶ୍ରୀମତୀ ମଞ୍ଜୁଲତା ମିଶ୍ରଙ୍କ ନେତୃତ୍ୱରେ ଏକ ସଭା ଆୟୋଜନ କରାଯାଇ ଜିଲ୍ଲାପାଳଙ୍କୁ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘର ପ୍ରମୁଖ ଦାବୀ ସମୂହ ଯଥା : ଅଙ୍ଗନବାଡି କର୍ମୀଙ୍କ ସର୍ବନିମ୍ନ ୧୮ ହଜାର ଟଙ୍କା ଦିଆଯାଉ ଯେ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ନ କରିଛନ୍ତି। ସେହିପରି ଅବସର କାଳୀନ ୫ ଲକ୍ଷ ଟଙ୍କା ଗ୍ରାଚୁୟାଟି ଓ ମାସିକ ୨ହଜାର ଟଙ୍କା ପେନସନ, ସମସ୍ତ ମିନି ଅଙ୍ଗନବାଡି କର୍ମୀଙ୍କୁ ଅଙ୍ଗନବାଡି ଘୋଷଣା କରାଯାଉ ଏବଂ ସହାୟିକା ମାନଙ୍କୁ ମାସିକ ଅନ୍ୟୁନ ୯ ହଜାର ଟଙ୍କା ଦରମା ପ୍ରଦାନ, କୌଣସି ଅଙ୍ଗନବାଡି କର୍ମୀ ଆକର୍ମଣ୍ୟ ହେଲେ ତାଙ୍କୁ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ଗାଁ ସମିତି ଅଧୀନରୁ ସମ୍ପୂର୍ଣ ମୁକ୍ତ କରାଯାଉ, ସରକାରଙ୍କ ନୂତନ ଶିକ୍ଷ୍ୟାନୀତି ଅନୁଯାଇ ଯୋଗ୍ୟ ବିବେଚିତ ଅଙ୍ଗନବାଡି କର୍ମୀମାନଙ୍କୁ ବୟସ ସୀମାକୁ ଉଚ୍ଛେଦ କରି ପ୍ରି ପ୍ରାଇମେରୀ ଶିକ୍ଷକ ଭାବେ ଶିକ୍ଷ୍ୟାନୁଷ୍ଠାନ ମାନଙ୍କରେ ନିଯୁକ୍ତି ପ୍ରଦାନ କରିବା, ବରିଷ୍ଠତା ଭିତରେ ସହାୟକା ମାନଙ୍କୁ ଅଙ୍ଗନବାଡି କର୍ମୀ ଭାବେ ପଦୋନ୍ନତି ଦେବା, ୭. ୫୦% ସିଧାସଳଖ ଅଙ୍ଗନବାଡି ସୁପରଭାଇଜର ନିଯୁକ୍ତି ବଳରେ ବରିଷ୍ଠତା ଓ ଶିକ୍ଷ୍ୟାଗତ ଯୋଗ୍ୟତା ଥିବା ଅଙ୍ଗନବାଡି କର୍ମୀମାନଙ୍କୁ ସୁପରଭାଇଜର ଭାବେ ପଦୋନ୍ନତି ଦେବାଭଳି ଦାବୀ ସମୂହ ସରକାର ଙ୍କ ନିକଟରେ ରଖାଯାଇଥିବା ବିଷୟରେ କଳାହାଣ୍ଡି ଜିଲ୍ଲା ଆଞ୍ଚଳିକ ସଭାନେତ୍ରୀ ଶ୍ରୀମତୀ ମଞ୍ଜୁଲତା ମିଶ୍ର ଓ ସାଧାରଣ ସମ୍ପାଦିକା ଶ୍ରୀମତୀ ହେମଲତା ସାମଲ ପ୍ରକାଶ କରିଛନ୍ତି। ପୁନଶ୍ଚ ସରକାର ଅଲ ଓଡଶା ଅଙ୍ଗନବାଡ ୱାକର ଲେଡ଼ିଜ ଆସୋସିଏସନ ର ଦାବୀ ପୂରଣ ନ କରିବାଯାଏ, ଏଭଳି ଗଣଧାରଣା, ବିକ୍ଷୋଭ ମାନ ଜାରି ରହିବ ବୋଲି ଗଣମାଧ୍ୟମ ନିକଟରେ ସଭାନେତ୍ରୀ ମଞ୍ଜୁଲତା ମିଶ୍ର ଚେତାବନୀ ଦେଇଛନ୍ତି।

ଗୁଣି ଗାରେଡି ସନ୍ଦେହରେ ଯୁବକକୁ ହାଣି ହତ୍ୟାକାଣ୍ଡ

ତୁଷୁରା, ୧୮/୩(ନି.ପ୍ର): ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଅନ୍ତର୍ଗତ ମାଢକେଲା ପଞ୍ଚାୟତ ସ୍ଥିତ ଆଟଗାଁ ଠାରେ ଗତକାଲି ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଜଣେ ବ୍ୟକ୍ତିଙ୍କୁ ହାଣି ହତ୍ୟା କରିଛନ୍ତି ଜଣେ ଯୁବକ । ମୃତକଙ୍କ ନାମ ଶ୍ୟାମ ବାଗ ବୋଲି ଜଣାପଡିଛି । ଉଭୟ ପକ୍ଷରୁ ଚାରିଜଣ ଆହତ ହୋଇ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଶରତ ରଣାଙ୍କ ପରିବାର ଗତକାଲି ରାତିରେ ଆସି ଶ୍ୟାମ ବାଗଙ୍କ ପରିବାର ସହିତ ଝଗଡ଼ା କରିଥିଲେ। ଏକ ଟାଙ୍ଗିଆରେ ଶରତ ରଣା ଶ୍ୟାମ ବାଗକୁ ହାଣି ମାରି ପକାଇଥିଲା। ସେଠାରେ ଶ୍ୟାମବାଗ ଟଳିପଡିଥିଲେ।ଏବଂ ଉଭୟ ପରିବାର ର ୪ଜଣ ଆହତ ହୋଇଥିଲେ ସେମାନଙ୍କୁ ତୁଷୁରା ପୋଲିସ ଉଦ୍ଧାର କରି ପ୍ରଥମେ ଗୁଡଭେଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୀମ ଭୋଇ ମେଡିକାଲ କଲେଜ୍ ହସ୍ପିଟାଲକୁ ପଠାଇ ଚିକିତ୍ସା କରାଯାଉଛି। ତାଙ୍କ ପରିବାର ଉପରେ ଗୁଣି ଗାରେଡ଼ି କରୁଥିବା ସନ୍ଦେହରେ ଝଗଡ଼ା ଲାଗିଥିବା ପୀଡ଼ିତା ପରିବାର କହିଛନ୍ତି। ତୁଷୁରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ବଲାଙ୍ଗୀର ଏସପି ନିଜେ ଆଟଗାଁକୁ ଆସି ଅଧିକ ତଦନ୍ତ କରିଛନ୍ତି। ଅପରପକ୍ଷରେ ହତ୍ୟାକରି ଶରତ ଜଣେ ମାନସିକ ରୋଗି ଏବଂ ଶ୍ୟାମ ବାଗଙ୍କୁ ସେ ମାରିଥିବାରୁ ବର୍ତ୍ତମାନ ହତ୍ୟାକାଣ୍ଡରୁ ବଞ୍ଚିବା ପାଇଁ ଏକ ନୂଆଁ ବାହାନା କରାଯାଇ ଶରତ ମାନସିକ ରୋଗି ନାଟକ କରୁଛି ବୋଲି ଶ୍ୟାମ ବାଗଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି।

ନିଶାକାରବାର ର ହବ ପାଲଟିଛି ଦିଗପହଣ୍ଡି

ଦିଗପହଣ୍ଡି ୧୮/୩(ନି.ପ୍ର): ଦିଗପହଣ୍ଡି ସହର ସମେତ ଗ୍ରାମାଞ୍ଚଳ ବିଭିନ୍ନ ଗ୍ରାମ ଗୁଡିକରେ ନିଶାକର ଅବେହୁତ ଭାବେ ବଢ଼ିବାରେ ଲାଗିଛି। ସ୍ଥାନୀୟ ଅବକାରୀ ଥାନା ଅଧୀନରେ ଥିବା ଅଞ୍ଚଳରେ ନିଶାକରବାର ବୃଦ୍ଧି ପାଇବାରେ ସୂଚନା ରହିଛି । ଏପରିକି ପାନଦୋକାନ ଠାରୁ ଆରମ୍ଭ କରି ଫାଷ୍ଟଫୁଡ, ହୋଟେଲ ଏବଂ ଗ୍ରାମାଞ୍ଚଳ ବିଭିନ୍ନ ଗ୍ରାମ ଗୁଡିକରେ ଦେଶୀ ପକେଟ ମିଳିବାର ନଜିର ରହିଥିବା ବେଳେ ସ୍ଥାନୀୟ ଅବକାରୀ ବିଭାଗ ଏବଂ ନିଶା ମାଫିଆଙ୍କ ମଧ୍ୟଚନ୍ଦ୍ରିକାରେ ନିଶାକରବାର ଚାଲିଛି । ଗ୍ରାମାଞ୍ଚଳରେ ନିଶାକରବାର ବୃଦ୍ଧି ଯୋଗୁଁ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ସର୍ବସାଧାରଣରେ ଗାଳିଗୁଲଜ କରିବା ନିତିଦିନିଆ ଘଟଣା ହୋଇଛି । ଯାହାଦ୍ୱାରା କି ସନ୍ଧ୍ୟା ସମୟରେ ରାସ୍ତାରେ ଯିବାକୁ ସାଧାରଣ ଜନତା ଭୟ କରୁଛନ୍ତି। ଏବଂ ନିଶାସକ୍ତ ଅବସ୍ଥାରେ ଯୁବକ ମାନେ ଗାଡି ଚଲେଇ ଦୁର୍ଘଟଣାର ଘଟାଇ ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳୁଛି । ଯୁବପିଢ଼ି ନିଶା ସେବନ କରି ପଥଭ୍ରଷ୍ଟ ହଇ ଅପରାଧିକ କାର୍ଯ୍ୟକଳାପ କରିବାକୁ ପଛାଉ ନାହାନ୍ତି । ଉପରସ୍ତ ଅଧିକାରୀଙ୍କ ଆଦେଶକୁ ପାଳନ କରି ସ୍ଥାନୀୟ ଅବକାରୀ ବିଭାଗ ଛଟକାଟିଆ ନିଶା ବେପାରୀକୁ ଧରି ଅଧିକ ଦର୍ଶାଇ ଲକ୍ଷ ପୂରଣ କରୁଥିବା ବୁଦ୍ଧିଯିବି ମହଲରେ ମତପ୍ରକାଶ ପାଇଛି । ସବୁଠାରୁ ଉଲେଖ ଯୋଗ୍ୟଯେ ନିଶାକରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ ସ୍ଥାଣୁ ପାଲଟିଛି । ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ବୁଦ୍ଧିଯିବି ମାନେ ମତପ୍ରକାଶ କରିଛନ୍ତି ।

ଦୁଇ ପୁଅ ଙ୍କ ବିବାଦରେ ବଳି ପଡିଛି ୮୫ ବର୍ଷୀୟ ମାଆ

ପାରାଦୀପ, ତା୧୮/୩(ନି.ପ୍ର) ପାରାଦୀପ ଉପକଣ୍ଠ ସ୍ଥିତ ଭୂତମୁଣ୍ଡାଇ ଅନ୍ତର୍ଗତ ପିମ୍ପଳ ଗ୍ରାମର ପ୍ରମିଳା ବେହେରା(୮୫) ସ୍ୱାମୀ ଶୁକଦେବ ବେହେରାଙ୍କ ଅବର୍ତ୍ତମାନରେ ନାନା ଦୁଃଖ ଅଭାବ ଅନାଟନ ମଧ୍ୟରେ ଦୁଇ ପୁଅଙ୍କୁ ମଣିଷ କରି ଗଢି ତୋଳିବାରେ ସକ୍ଷମ ହୋଇଥିଲେ। ଶ୍ରଦ୍ଧାରେ ନା ଦେଇଥିଲେ ଲୋକନାଥ ଓ ଜଗନ୍ନାଥ। କିନ୍ତୁ କିଏ ଜାଣିଥିଲା ଦୁଇ ଭାଇଙ୍କ ବିବାଦ ମଧ୍ୟରେ ୮୫ ବର୍ଷର ମାଆ ବଳି ପଡିବେ ବୋଲି। ପ୍ରଥମେ ପ୍ରଥମେ ଦୁଇ ପୁଅ ସମ୍ପତି ବାଣ୍ଟ କରିବା ଭଳି ମାସେ ମାସେ ପାଳି କରି ନିଜ ପାଖରେ ରଖୁଥିଲେ। ପରେ ପରେ କୌଣସି କାରଣରୁ ବଡ ପୁଅ ଲୋକନାଥ ମାଆଙ୍କୁ ରଖିବାରୁ ଅସହଯୋଗ କରିବାରୁ ସାନ ପୁଅ ମଧ୍ୟ ଚଳନ ଶକ୍ତିହିନ ମେରୁଦଣ୍ଡ ହାଡ଼ ଭାଙ୍ଗିଥିବା ମାଆକୁ ଏକ ପରିତ୍ୟକ୍ତ ସ୍ଥାନରେ ଛାଡ଼ିକି ଚାଲି ଆସିଥିଲା। ସାଲୁ ସାଲୁ ପୋକ ମାଛି ମଶାଙ୍କ ଗହଣରେ ଦୟନୀୟ ଅବସ୍ଥାରେ କଟୁଥିଲା ପ୍ରମିଳାଙ୍କ ଜୀବନ। ଗ୍ରାମର କିଛି ମୂରବୀ ସ୍ଥାନୀୟ ବ୍ୟକ୍ତି ବିଶେଷ ସେ ସମ୍ପର୍କରେ ଜିଲ୍ଲାରେ ବରିଷ୍ଠ ଲୋକମାନଙ୍କର ସ୍ୱାର୍ଥ ଓ ସୁରକ୍ଷା ପାଇଁ କାମ କରୁଥିବା ବ୍ୟାସ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ଶ୍ରୀମତୀ ଆଚାର୍ଯ୍ୟ ବ୍ୟାସ ଫାଉଣ୍ଡେସନର ଉପସଭାନେତ୍ରୀ ଶ୍ରୀମତୀ ରଶ୍ମିତା ନାୟକ ଓ ସଭ୍ୟ ବିପିନ ମାଝୀଙ୍କୁ ସାଥୀ କରି ପିମ୍ପଳ ଗ୍ରାମରେ ପହଞ୍ଚି ସାନ ପୁଅ ଜଗନ୍ନାଥ ଯିଏ ସେଠାରେ ଉପସ୍ଥିତ ଥିଲେ ତାଙ୍କ ସହ କଥା ହୋଇଥିଲେ। ମାତ୍ର ବଡ ପୁଅ ଲୋକନାଥଙ୍କ ସହ ଦୁରଭାସ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ପ୍ରମିଳାର ପୁଅ ନୁହେଁ ଓ କୌଣସି ସହଯୋଗ କରିବି ନାହିଁ କି ମାଆଙ୍କୁ ରଖିବି ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଇଥିଲା। ସେ ମଧ୍ୟ ପ୍ରମିଳାଙ୍କ ସମ୍ପତିରୁ ଭାଗ ନେବ ନାହିଁ କହିବା ପରେ ସାନପୁଅ ଜଗନ୍ନାଥକୁ ବୁଝାସୁଝା କରିବା ପରେ ଲିଖିତ ପ୍ରତିଶ୍ରୁତି ଦେଇ ମାଆକୁ ଘରକୁ ନେଇଥିଲା। ତେବେ ଏ ଘଟଣାର ଆଗାମୀ ମୋଡ଼ କଣ ହେବ ତାହା କେବଳ ସମୟ ହି କହିବ। ଏଠି ପ୍ରମିଳା ଗୋଟିଏ ଉଦାହରଣ ନୁହେଁ ପ୍ରତିଦିନ ଶହ ଶହ ଅସହାୟ ପ୍ରମିଳା ମାନେ ଅନେକ ଯନ୍ତ୍ରଣା ର ଶିକାର ହେଉଛନ୍ତି। କିଛି ଲୋକ ଲୋଚନକୁ ଆସିଛି କିଛି ଆସି ପାରୁନାହିଁ। ଏଣୁ ଆଇନ୍ ର ବ୍ୟବସ୍ଥାକୁ ସଜଡ଼ାନଗଲେ ଆଗାମୀ ଦିନରେ ଅନେକ ବାପା ମାଆ ମାନେ ରାସ୍ତା କଡ଼ରେ ବୁଲୁଥିବେ ତାର ହିସାବ କରିବା କଷ୍ଟସାଧ୍ୟ ହୋଇପଡିବ।

୧୩ଗୋଟି ପଞ୍ଚାୟତରେ ସୁଭଦ୍ରା ଯୋଜନାର ଶୋଭାଯାତ୍ରା

ବଣାଇ, ୧୮/୩(ନି.ପ୍ର): ବଣାଇ ବ୍ଲକ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ସୁଭଦ୍ରା ଯୋଜନାର ଶୋଭାଯାତ୍ରା ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ୧୩ ଗୋଟି ଗ୍ରାମ ପଞ୍ଚାୟତରେ ପାଳିତ କରା ଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ସୁଭଦ୍ରା ଯୋଜନାରେ ସୁଭଦ୍ରା ମା ମାନଙ୍କୁ ସଚେତନତା କରିବା, ନିଜର ପରିବାରକୁ ଆର୍ଥିକ ସ୍ୱଚ୍ଛଳତା କିପରି କରାଯିବ ସେହି ବିଷୟରେ ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାଏକ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏସଏସଜୀ ଗ୍ରୁପର ମହିଳା, ଇସି ମେମ୍ବର, ସିଆରପିଏମ ବିକେ ଗ୍ରୁପ, ଅଙ୍ଗନବାଡି କର୍ମି, ଗ୍ରାମ ପଞ୍ଚାୟତର ସରପଞ୍ଚ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମଣ କରିଥିଲେ ।

ନିଆଁଲାଗି ଘର ଭସ୍ମିଭୂତ: ସରକାରୀ ସହାୟତା ପାଇଁ ଦାବି

ସତ୍ୟବାଦୀ ଚାଉଳିଆ ପହଁଚି କିଛି ଶୁଖିଲା ଖାଦ୍ୟ ଦେଇଥିବା ଜଣାପଡ଼ିଛି ।

ବୌଦ୍ଧ ୧୮/୩(ନି.ପ୍ର): ହରଭଙ୍ଗା ବ୍ଲକ ସଂକୁଲେଇ ପଞ୍ଚାୟତ କମ୍ବୁନାଥ ପୁର ଗ୍ରାମର ଅସହାୟ ବିଧବା ମହିଳାଙ୍କ ଏକ ବଖରା ଚାଲ ଛପର ଘର ନିଆଁ ଲାଗି ଭସ୍ମିଭୂତ ହୋଇଯାଇଛି । ସୂଚନା ମତେ ଆଜି ସକାଳେ ଗଲାମାଳି ଶାଣ୍ଡ ନିଜ ଘରେ ରୋଷେଇ କରୁଥିବା ସମୟରେ ରେ କୌଣସି କାରଣ ବଶତଃ ନିଆଁ ଚାଳକୁ ଧରିଥିଲା । ତୁରନ୍ତ ଲୋକେ ଚାରିଛକ ଦମକଳ ବାହିନୀ କୁ ଖବର ଦେଇଥିଲେ ।ଅଗ୍ନିଶମ ପହଁଚିନିଆଁକୁଆୟତ କରିଥିବା ବେଳେ ଅସହାୟ ମହିଳା ଧାନ, ଚାଉଳ, ଆସବପତ୍ର ସବୁ ପୋଡି ପାଉଁଶ ହୋଇଯାଇଛି । ବର୍ତମାନ ଗଲାମାଳି ବେସହରା ହୋଇଯାଇଛନ୍ତି । ତୁରନ୍ତ ପ୍ରଶାସନ ଉକ୍ତ ବିଧବା ମହିଳା ଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏପଟେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି

କୋରେଇ ବ୍ଲକ ରେ ସ୍ୱଚ୍ଛତା ଫେରିବ କେବେ ?

କୋରେଇ, ୧୮/୩(ନି.ପ୍ର)::ସାରା ଓଡ଼ିଶାରେ କୋରେଇ ଏକ ଚର୍ଚ୍ଚିତ ବ୍ଲକ ହୋଇଥିବା ବେଳେ, ଏହି ବ୍ଲକ ଓଡିଶା ଶାସନ କରିବାକୁ ନେତା ଯୋଗାଏ, କୋରେଇର ପୂର୍ବତନ ବିଧାୟକ ସ୍ୱର୍ଗତ ଅଶୋକ ଦାସ , ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ତାଙ୍କ ପୁଅ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ଦେଶ ବିଦେଶରେ ପରିଚିତ ବରିଷ୍ଠ ଶ୍ରମିକ ନେତା ରାମ ଚନ୍ଦ୍ର ଖୁଣ୍ଟିଆ,ଅଶୋକ ବଳ, ସଞ୍ଜିତା ମହାନ୍ତି,ଏବେର ବିଧାୟକ ଆକାଶ ଦାସ ନାୟକଙ୍କ ଭଳି ନେତା ମାନେ ଏଠାରୁ ରାଜନୈତିକ ପରିଚୟ ପାଇ ସାରା ଓଡ଼ିଶାରେ ନାମ କମାଇଛନ୍ତି। କିନ୍ତୁ ଦୁଃଖର କଥା ଓଡିଶା କୁ ନେତା ଯୋଗାଉଥିବା ବ୍ଲକଟିର କଥା କହିଲେ ନସରେ। ବର୍ତମାନ ପରିସ୍ଥିତି ରେ ରାଜ୍ୟରେ ସରକାର ବଦଳି ବାର ୯ ମାସ ବିତି ଯାଇଥିଲେ ମଧ୍ୟ ପୂର୍ବ ସରକାର ଅମଳରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ର ବିଲ ପୈଠ ହେଉନାହିଁ ବୋଲି ଅଭିଯୋଗ ହେଉଛି। ବିଗତ ଦିନରେ ସାଦକପୁର ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ବ୍ଲକ ଆଗରେ ଧାରଣାରେ ବସିଥିବା ବେଳେ ବିଗତ ପଞ୍ଚାୟତ ସମିତି ବୈଠକରୁ କିଛି ନେତା ଅଧାରୁ ଉଠି ଯାଇଥିବା ଦେଖା ଯାଇଥଲା।ଏକ ସୂଚନା ଅନୁଯାୟୀ ଗତ ସରକାର ଅମଳରେ ୧୪୦ ଟି ଉନ୍ନୟନ ମୂଳକ କାର୍ଯ୍ୟର ବିଲ ବାକିଥିବା ବେଳେ, ଏବେ ପର୍ଯ୍ୟନ୍ତ ୧୦୦ ପାଖାପାଖି ଉନ୍ନୟନ କାର୍ଯ୍ୟର ବିଲ ହୋଇଯାଇଥିବା ସୂଚନା ରହିଛି। କିନ୍ତୁ ଦୁଃଖର କଥା ବିଲ ସମୟରେ ଫାଇଲରୁ ଭେଣ୍ଡର କାଗଜ ବଦଳାଇ ଅଲଗା ଲୋକ ନାମରେ ବିଲ ପୈଠ ହୋଇଯାଇଥବା ଶୁଣିବାକୁ ମିଳୁଛି। କାର୍ଯ୍ୟ କରିଥିବା ଗାଁ ର କାର୍ଯ୍ୟ କରିଥିବାବେଳେ ବାର ଦୁଆର ସୁଣ୍ଡି ପିଣ୍ଡା ହେଉଛନ୍ତି ।ଏମିତିକି କିଛି କାମର ବିଲ ଭେଣ୍ଡର ଖାତାକୁ ଯାଇଥିବା ବେଳେ, ଭେଣ୍ଡର ପଇସା ନେଇ ଧରା ଛୁଁଆ ଦେଉନଥିବା ଶୁଣିବାକୁ ମିଳୁଛି ।ଏଥିରେ ବ୍ଲକ କିଛି କର୍ମଚାରୀ ସାମିଲ ଅଛନ୍ତି ବୋଲି ଅଭିଯୋଗ ହେଉଛି। ଏମିତିକି କିଛି କାମର ଫାଇଲ ବ୍ଲକରେ ପୂର୍ବରୁ କାମ କରୁଥିବା କର୍ମଚାରୀ ମାନଙ୍କ ପାଖକୁ (ଝାରସୁଗୁଡା, ଭୁବନେଶ୍ୱର) ପଠାଯାଇ ପିଛିଲା ତାରିଖରେ ବିଲ ପୈଠ କରାଯାଉଥିବା ଅଭିଯୋଗ ହେଉଛି। ଶୁଣିବାକୁ ମିଳୁଛି କୁଆଡ଼େ କିଛି ବଦଳି ହୋଇଯାଇଥିବା କର୍ମଚାରୀ କୋରେଇ ମୋହ ଛାଡ଼ି ନପାରି ବ୍ଲକ ପରିସରରେ ରହି ବ୍ଲକକୁ ନିଜ ଆୟତରେ ରଖିବାକୁ ଚେଷ୍ଟା ଜାରୀ ରଖିଛନ୍ତି।ଏମିତିକି ବ୍ଲକର କିଛି ଚତୁର୍ଥ ଶ୍ରେଣୀ କର୍ମଚାରୀ ଏଠାରେ ଦୀର୍ଘ ବର୍ଷ ଧରି ଅସ୍ଥାନ ଜମାଇ ଲାଞ୍ଚ କାରବାରର ବୀଜ ବୁଣୁ ଥିବା ଅଭିଯୋଗ ହେଉଛି।ଫଳରେ ବ୍ଲକର ଉନ୍ନୟନ କାର୍ଯ୍ୟ ଏକ ରକମର ଧିମା ପଡିବା ସହିତ କର୍ମଚାରୀ ମାନଙ୍କ ମନ ମାନୀ ରେ ଚାଲିଛି କୋରେଇ ବ୍ଲକ।ଉଚ୍ଚ କତୃପକ୍ଷ ଏହାର ଉପଯୁକ୍ତ ତଦନ୍ତ କରିବା ସହିତ ଅସାଧୁ କର୍ମଚାରୀ ମାନଙ୍କୁ ବ୍ଲକରୁ ତଡା ଯାଇ ଉନ୍ନୟନ କାର୍ଯ୍ୟ କୁ ତୋରନ୍ୱିତ କରିବା ପାଇଁ ବୁଦ୍ଧିଜୀବୀ ମହଲ ରେ ଦାବୀ ହେଉଛି।

ସର୍ଡ଼ା ଗ୍ରାମବାସୀଙ୍କୁ ସଚେତନ କଲା ବନ ବିଭାଗ

ଜଙ୍ଗଲ ନଷ୍ଟ ହେଲେ ମନୁଷ୍ୟ ବଞ୍ଚିବା କଷ୍ଟ: ଗ୍ରାମବାସୀ

ଜମନକିରା ୧୮/୩(ନି.ପ୍ର): ବାମରା ବନଖଣ୍ଡ ବଡ଼ରମା ରେଞ୍ଜ ଭୂତେଲ ସେକ୍ସନ ଅଧୀନସ୍ଥ ବନ ପାହାଡ଼ ଘେରା ସର୍ଡ଼ାକ୍ଷ ଗ୍ରାମରେ ଫରେଷ୍ଟର ଅଜମିର ଜୟପୁରିଆ ଙ୍କ ନେତୃତ୍ୱରେ ବନାଗ୍ନୀ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜୟପୁରିଆ ଙ୍କ ନେତୃତ୍ୱରେ ସର୍ଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମିର ଶିରାଜ ଅଲି, ଓ ତାପସ କୁମାର ବିଶ୍ୱାଲଙ୍କ ନେତୃତ୍ୱରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ଏବଂ ବନ ବିଭାଗୀୟ ଅଧିକାରୀ ମାନେ ସର୍ଡ଼ାକ୍ଷ ବିଦ୍ୟାଳୟ ଠାରୁ ଆରମ୍ଭ କରି ତିଲେଇ ଗ୍ରାମ ପରିକ୍ରମା କରି ପଦଯାତ୍ରା ମାଧ୍ୟମରେ ବିଦ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ଓ ପ୍ଲାଗ୍ କାର୍ଡ ପ୍ରଦର୍ଶନ କରି ଜନ ସାଧାରଣଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନ କରିଥିଲେ। ପଦ ଯାତ୍ରା ପରେ ସର୍ଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଚିତା ଲାକ୍ରା, ଶିକ୍ଷକ ଅଜିତ କୁମାର ପଣ୍ଡା, ଓ ଅନ୍ୟ ଶିକ୍ଷକଙ୍କ ସହିତ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଗ୍ରୀଷ୍ମ ପ୍ରଭାବ ଆରମ୍ଭରେ ଜଙ୍ଗଲ ରେ ନିଆଁ ଲାଗିବା ଅଧିକ ଦେଖା ଦେଇଥାଏ ଓ ଯଦି ଜଙ୍ଗଲରେ କୌଣସି ସ୍ଥାନରେ ନିଆଁ ଲାଗିଥାଏ ତା ହେଲେ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ବନ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ବୋଲି ଭାବିଲେ ଜଙ୍ଗଲ ସୁରକ୍ଷିତ ରହିବ। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବାୟୁମଣ୍ଡଳ ରେ ଏହାର କଣ କଣ ପ୍ରଭାବ ହୋଇଥାଏ ସଚେତନ କାର୍ଯ୍ୟକ୍ରମ ରେ ବନ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରାଯାଇ ଅନ୍ୟମାନଙ୍କୁ ମଧ୍ୟ ଏ ସମ୍ପର୍କ ର

ସମ୍ପାଦକୀୟ

ସୀମା ସମସ୍ୟା

ରାଜନୈତିକ, ଅର୍ଥନୈତିକ ଓ କୂଟନୈତିକ ଦୃଷ୍ଟିରୁ ବିଚାରକଲେ ନୂଆବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଘଟଣାବହୁଳ ହେବ ବୋଲି ଆଶା କରାଯାଉଛି। ବର୍ଷ ଆରମ୍ଭରୁ ଦୁଇ ପଡ଼ୋଶୀ ଦେଶ ଚୀନ୍ ଓ ପାକିସ୍ତାନର ଶତ୍ରୁତାମୂଳକ ଆଚରଣ ଓ କାର୍ଯ୍ୟକଳାପ ଆଗାମୀ ଦିନରେ ଭାରତ ପାଇଁ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଚୀନ୍ ସହିତ ରହିଥିବା ସାଢ଼େ ୩ ହଜାର କିଲୋମିଟର ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ଭାରତ ପାଇଁ ଏକ ବଡ଼ ଆହ୍ୱାନ ହେବ। କାରଣ ଚୀନ୍ ସବୁ ସମୟରେ ଆମ ଦେଶର ସୀମା ଭିତରକୁ ଅନୁପ୍ରବେଶ କରିବା ପାଇଁ ଉଦ୍ୟମରତ ରହିଛି। ବିଶେଷକରି ସି ଜିନ୍‌ପିଙ୍ଗ କ୍ରମାଗତ ଭାବରେ ତୃତୀୟ ଥର ପାଇଁ ଚୀନ୍‌ର ରାଷ୍ଟ୍ରପତି ପଦ ଅକ୍ତିଆର କରିବା ପରେ ତାଙ୍କର ଭାରତ ବିରୋଧୀ ଆଭିମୁଖ୍ୟକୁ ଅଧିକ କଠୋର କରିବା ନିଶ୍ଚିତ ହୋଇଛି। ଦୁଇ ଦେଶର ସୀମା ବିବାଦ ନେଇ ଜିନ୍‌ପିଙ୍ଗ୍ ଓ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହାର ସ୍ଥାୟୀ ସମାଧାନ ଏଯାଏଁ ସମ୍ଭବପର ହୋଇନାହିଁ। ଚୀନ୍ ଭଳି ପାକିସ୍ତାନ ମଧ୍ୟ ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇରହିଛି। ଚଳିତ ବର୍ଷ ଶେଷ ଭାଗରେ ପାକିସ୍ତାନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଶାସକ ଓ ବିରୋଧୀ ଉଭୟେ କ୍ଷମତା ଦଖଲ ପାଇଁ ଭାରତକୁ ନିଜ ନିଜ ଦଳର ମୁଖ୍ୟ ପ୍ରସଙ୍ଗ କରିବେ। ପ୍ରତ୍ୟେକ ଦଳ ଭାରତ ବିରୋଧରେ ନିଜର ରଣନୀତି ପ୍ରସ୍ତୁତ କରିବେ। ଭାରତର ଦକ୍ଷିଣ ସୀମାରେ ଥିବା ଅନ୍ୟତମ ପଡ଼ୋଶୀ ଦେଶ ଶ୍ରୀଲଙ୍କା ସଦାସର୍ବଦା ଆମ ଦେଶରୁ ଆର୍ଥିକ ଓ ସାମରିକ ସହାୟତାକୁ ଅନାଇ ରହିଛି। ଏହା ସହିତ ସୁସମ୍ପର୍କ ବଜାୟ ରଖିବାକୁ ହେଲେ ପର୍ଯ୍ୟାପ୍ତ ସାହାଯ୍ୟ ଯୋଗାଇବାକୁ ପଡ଼ିବ, ଯାହା ଭାରତ ପାଇଁ ଏକ ଆହ୍ୱାନ ହେବ। ଜି-୨୦ ରାଷ୍ଟ୍ରଗୋଷ୍ଠୀର ଅଧ୍ୟକ୍ଷତା ଦାୟିତ୍ୱ ଭାରତ ଗ୍ରହଣ କରିଥିବାରୁ ନିଜକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ଲାଗି ଏକ ବଡ଼ ସୁଯୋଗ ହାସଲ କରିଛି। ଏହି ସୁଯୋଗରେ ରୁଷ ଓ ଆମେରିକା ନେତୃତ୍ୱାଧୀନ ପାଶ୍ଚାତ୍ୟ ଦେଶଗୁଡିକର ରାଷ୍ଟ୍ରନେତାମାନଙ୍କୁ ଏକଜୁଟ୍ କରି ୟୁରୋପ ମହାଦେଶର ବିଭିନ୍ନ ସମସ୍ୟାର ସମାଧାନ କରାଇପାରିଲେ, ଅନ୍ତର୍ଜାତୀୟ ସ୍ତରରେ ଭାରତ ଏକ ସଫଳତା ପାଇପାରିବ। ଏହା ଭାରତକୁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ପଦ ପାଇବା ପାଇଁ ଦାବିଦାର କରିବ। ଆସନ୍ତା ସେପ୍ଟେମ୍ବର ମାସରେ ଜି-୨୦ ରାଷ୍ଟ୍ରଗୋଷ୍ଠୀର ଶିଖର ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ସମ୍ମିଳନୀରେ ରୁଷନେତା ପୁତିନ୍, ଆମେରିକା ରାଷ୍ଟ୍ରପତି ବାଇଡେନ୍ ଓ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସମେତ ବହୁ ବିଶ୍ୱନେତା ଯୋଗଦେବେ। ଯଦି ଭାରତ ଏହି ସମସ୍ତ ବିଶ୍ୱନେତାଙ୍କୁ ଗୋଟିଏ ମଞ୍ଚରେ ଏକାଠି କରାଇପାରିଲା, ତେବେ ଏହା କୂଟନୈତିକ ସ୍ତରରେ ଏକ ବଡ଼ ବିଜୟ ବୋଲି କୁହାଯିବ। ଭାରତ ଶସ୍ତାରେ ତୈଳ କ୍ରୟ କରିବା ଓ ରୁଷ ବିରୋଧରେ ପାଶ୍ଚାତ୍ୟ ଦେଶଗୁଡିକ ସହିତ ହାତ ନ ମିଳିଇବା ଭଳି କାର୍ଯ୍ୟ ଏବେ ନକାରାତ୍ମକ ପ୍ରଭାବ ପକାଇଛି। ଏହି ପ୍ରଭାବକୁ ହଟାଇବା ପାଇଁ ଜି-୨୦ ଅଧ୍ୟକ୍ଷତା ଦାୟିତ୍ୱ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ରାଜନୈତିକ ଦୃଷ୍ଟିରୁ ବିଚାର କଲେ ଚଳିତ ୨୦୨୩ ବର୍ଷରେ ଦେଶର ୯ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ଯାହା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେମି ଫାଇନାଲ ରୂପେ ବିବେଚିତ ହେବ। ଏଥିରେ ସଫଳତା ବା ବିଫଳତା କେନ୍ଦ୍ରର ମୋଦି ସରକାରର ଭବିଷ୍ୟତ ନେଇ ଚିତ୍ର ସ୍ପଷ୍ଟ କରିବ। ସମସ୍ୟାବହୁଳ ଜାମ୍ମୁ-କାଶ୍ମୀରରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କେନ୍ଦ୍ର ସରକାରଙ୍କ ପାଇଁ ଅଗ୍ନିପରୀକ୍ଷା ସଦୃଶ ହେବ। ସବୁ ଦୃଷ୍ଟିରୁ ବିଚାର କଲେ ନୂଆବର୍ଷ ୨୦୨୩ ଭାରତର ଭବିଷ୍ୟତର ନକ୍‌ସା ପ୍ରସ୍ତୁତ କରିବାରେ ଏକ ମାଇଲଖୁଣ୍ଟ ହେବା ସୁନିଶ୍ଚିତ।

ଗୋଷ୍ଠୀ ସମ୍ପଦର କଥା

ସେଦିନ ସରୋଜ ଚେନ୍ନାଇରୁ ୧୫ ଦିନ ଛୁଟିନେଇ ଗାଁକୁ ଯିବାକୁ ବାହାରୁ ଥାଏ। ଗାଁକୁ ଯିବା ନିଜର ସହଯୋଗୀକୁ ୧୫ଦିନର କାମ ବୁଝାଇଦେଇ ଅଫିସ୍‌ରୁ ଘୁମକୁ ଫେରିଗଲା। ସରୋଜ ତା ସାଙ୍ଗ ରବିକୁ ଫୋନ କରି କହୁଥାଏ, ପିଲାମାନେ ଗାଁରେ ପୂଜା ଲାଗି କେତେ ପ୍ରସ୍ତୁତ ହେଲେଣି।ରବି ଉତ୍ତରରେ କହୁଥାଏ ହଁରେ ଆଗ ତୁ ପହଞ୍ଚି ,ସବୁ କାମ ଜଲଦି ହେଇଯିବ। ସରୋଜ ଟ୍ରେନ୍‌ରେ ଗାଁକୁ ଯିବା ଲାଗି ଷ୍ଟେସନ୍ ଅଭିମୁଖେ ବାହାରିଲା। ତରବରିଆ ଭାବେ ବାହାରିବା ବେଳେ ଘର ସାମ୍ନା ଫାଟକ ଖୋଲି ଦେଖେ ତ ରାସ୍ତା ଭିଡ ଅଛି। ଟିକେ ଆଗକୁ ଯାଇ ଭିଡ ଭିତରେ ପଶି ଦେଖିଲା ବେଳକୁ ରାସ୍ତାରେ ଏକ ଛୋଟ ଖାଲରେ ପଡି ଜଣେ ବୃଦ୍ଧ ଖଣ୍ଡିଆ ଖାବରା ହୋଇପଡିଛନ୍ତି। କେଇ ମିନିଟ୍‌ରେ ଖବରପାଇ ଆମ୍ବୁଲାନସ୍ ଆସି ବୃଦ୍ଧ ଜଣକୁ ଚିକିତ୍ସା ଲାଗି ଉଠାଇ ନେଇଗଲା।ରାସ୍ତା ଖାଲି ହେବାପରେ ଏକ ଟ୍ୟାକ୍ସି ଧରି ସେ ପହଞ୍ଚିଗଲା ଷ୍ଟେସନରେ । କିନ୍ତୁ ସରୋଜ ମନରେ ଏକ ଛାନିଆଁ ଲାଗୁଥାଏ ଯେ ସେଇ ଛୋଟ ଖାଲଟି କାହାରି ନଜର ନାହିଁ ସମସ୍ତେ ବାଟର ଖାଲକୁ କଡେଇ କି ଯାଉଥିଲେ। ଯାହା ବି ହେଉ ଟ୍ରେନ ଆସିଗଲା, ଆରାମରେ ଟ୍ରେନର ବଗି ଭିତରକୁ ପଶି ସବୁ ବ୍ୟାଗକୁ ଉପରେ ଥିବା ଥାକରେ ରଖିଦେଇ ବସିଗଲା। କିଛି ସମୟ ପରେ ପରିସ୍ରା ଲାଗିଲା ସରୋଜକୁ, ଟ୍ରେନ୍‌ରେ ଥିବା ପାଇଖାନା ପଶିଗଲା ବେଳକୁ ପ୍ରବଳ ଦୁର୍ଗନ୍ଧ ସହିତ ପାନ ଗୁଟଖା ଛେପରେ ଭର୍ତ୍ତି ହୋଇଯାଇଥାଏ। ବିରକ୍ତି ଭାବ ଆସୁଥିଲେ ବି ପାଇଖାନାରେ ପାଣି ଢାଳି କାମସାରି ବାହାରିଲା। ଟ୍ରେନ ଚାଲୁଥାଏ ନିଦ ବି ଆସିଗଲା, ରାତି ବି ହେଇଗଲା। ଏମିତି କରି ପ୍ରାୟ ୨୪ ଘଣ୍ଟା ପରେ ସରୋଜର ଗାଁ ପାଖ ଷ୍ଟେସନରେ ଟ୍ରେନ୍‌ଟି ପହଞ୍ଚିଗଲା। ରବି ତାକୁ ଷ୍ଟେସନରୁ ଗାଁକୁ ମଟରସାଇକେଲ୍‌ରେ ନେବାକୁ ଆସିଥାଏ।ଦୀର୍ଘ ୬ବର୍ଷ ତଳେ ସହରକୁ ଯାଇଥିବା ସରୋଜକୁ ସବୁ ନୂଆ ନୂଆ ଲାଗୁଥାଏ।ଟ୍ରେନ୍‌ରୁ ଓହ୍ଲାଇ ମୋବାଇଲ ଫୋନକୁ ବାହାର କରି ଆଗ ନିଜର ଗୋଟେ ସେଲ୍‌ଫି ଫୋଟ ନେଇଗଲା। ଷ୍ଟେସନରେ ଅପେକ୍ଷା କରିଥିବା ରବି ସହିତ ବି ଭେଟ ହେଇଗଲା,ଚାଲିଲେ ଦୁହେଁ ଗାଁକୁ।

ଇଂ. ସତ୍ୟନାରାୟଣ ମାଝୀ

ଗାଁକୁ ପ୍ରବେଶ କରିଲା ବେଳେ ରାସ୍ତା ପକ୍କା ହୋଇଛି, ଅନେକ ଗଛ କଟା ଯାଇ ରାସ୍ତା ପକ୍କାଘର ଆଦି ତିଆରି ହୋଇଯାଇଛି। କିଛି ଲୋକ ସହର ଭଳି ଦୁଇ ତିନି ମହଲା କୋଠା ତିଆରି କରି ସାରିଲେଣି। ଗାଁରେ ଲୋକେ ନଳକୂପ ବି ବ୍ୟବହାର କଲେଣି, ରାସ୍ତାକଡରେ ଲାଇଟ୍ ବି ଲାଗିଯାଇଛି।କିନ୍ତୁ ଗାଁ ପଡିଆ ଯେମିତିକୁ ସେମିତି ରହିଛି, କ୍ଲବ ଘରର କାନ୍ଥଗୁଡିକ ମଇଳା ଦିଶୁଛି, ଛାତ ଉପରେ ଗଛ ବି ଉଠିଗଲାଣି। ପୋଖରିରେ ନୂଆ କରି ଗାଧୁଆ ଘାଟ ନିର୍ମାଣ ହୋଇଥାଏ କିନ୍ତୁ ପଙ୍କରେ ପୂର୍ଣ୍ଣ ଦିଶୁଥାଏ,ଆଉ ଗାରୁ ଜଙ୍ଗଲ ଟକେ ଦୂରେଇ ଯାଇଥିବା ଭଳି ଲାଗୁଥାଏ। ଘରେ ଯାଇ ପହଞ୍ଚିଗଲା ସରୋଜ, ସମସ୍ତେ ଘରେ ତାକୁ ଦେଖି ଖୁସି। ଘରେ ବଡମାନଙ୍କୁ ମୁଣ୍ଡିଆ ମାରି ଗାଧୋଇବାକୁ ବାହାରି ଗଲା।ନିତ୍ୟକର୍ମ ସାରି ଚା ଟିକେ ପିଇ ବାହାରିଲା ଗାଁର ପୂଜାମଣ୍ଡପ ଆଡକୁ, ପହଞ୍ଚି ଦେଖେ ତ ପୂଜାକମିଟିର କର୍ମକର୍ତ୍ତାଙ୍କୁ ମିଶାଇ ଦୁଇ ଚାରିଜଣ ଯୁବକ ବ୍ୟବସ୍ଥାରେ ଲାଗିଥାନ୍ତି। ଦୀର୍ଘ ସମୟପରେ ଗାଁକୁ ଆସିଥିବାରୁ ସମସ୍ତେ ସରୋଜକୁ ଦେଖି ମଣ୍ଡପ ପାଖରେ ଡାକି ବସାଇଲେ। ସରୋଜ ସମସ୍ତଙ୍କୁ ନମସ୍କାର ଜଣାଇ ବସିଲା ଏବଂ ଭଲମନ୍ଦ କଥା ସରିବାପରେ ପ୍ରଶ୍ନ କରିବାକୁ ଲାଗିଲା।ସେ ଅନ୍ୟ ଯୁବକମାନଙ୍କୁ କହୁଥାଏ ଆରେ ଆମ ଗାଁର ନଳକୂପ ଗୁଡିକର ଚାରିପାଖ ସଫା ରହୁନି ଯେ ରାସ୍ତାର ଦୁଇକଡରେ ଘାସ ଉଠି ରାସ୍ତା ଅଣ ଓସାରିଆ ଲାଗୁଛି।ପଡିଆରେ ଖେଳ ହେଉନି କି,ପଡିଆରେ ଅନାବନା ଘାସ ଏତେ ହୋଇଛି ?ଗାଁ ଜଙ୍ଗଲ ଆଗ ଭଳି ସବୁଜିମା ଦିଶୁନି ଯେପୋଖରୀରେ ମେଂଚେ କ'ଣ ସବୁ ଭାସୁଛି,ସଫା ହେଉନି କି ? ଯୁବକମାନଙ୍କ ମଧ୍ୟରୁ ଜଣେ ଉତ୍ତର ଦେବାକୁ ଲାଗିଲା, ସରୋଜ ଭାଇ ଆଗରୁ ଆମେ ସମସ୍ତେ ଗାଁ ପିଲା ମିଶି ଏଇ ସବୁ ସଫା ସୁତରା ଏବଂ ରକ୍ଷଣାବେକ୍ଷଣା କରୁଥିଲେ। ସରୋଜ। ଏବେର କଥା କ'ଣ କହିବି, ପିଲା ସବୁ ସହର ବିଦ୍ୟାଳୟରେ ପାଠ ପଢିଲେଣି। ଯୁବକମାନେ ବି ନିଜ କାମରେ ବ୍ୟସ୍ତ, କିଏ ବାହାରେ ଚାକିରି କଲାଣି ତ କିଏ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛି, ଆଉ ଆମେ ଦୁଇ ଚାରିଜଣ ଯାହା ଅଛି ସକାଳ ପାହିଲେ ପାଖ ସହରକୁ ମଜୁରୀ କାମରେ ଯାଉଛୁ।ଆଉ କୁଆଡୁ ସମୟ ମିଳୁଛି ଯେ ? ଏମିତି ଅନେକ ଗାଁମାନଙ୍କରେ ବିଭିନ୍ନ ପ୍ରକାରର ଭିତ୍ତିଭୂମି ଉନ୍ନତିକରଣ ହୋଇଚାଲିଛି। ଗାଁରେ ରାସ୍ତା ପକ୍କା,ଘର ପକ୍କା,ବିଦ୍ୟାଳୟ ପକ୍କା ଯାହା ଦେଖିବେ ସବୁର କିଛି ନା କିଛି ଉନ୍ନତିକରଣ ହୋଇଛି। କିନ୍ତୁ ଆପଣ ଦେଖିବେ ବର୍ତ୍ତମାନ ସ୍ଥିତିରେ ରାସ୍ତାରେ ସାମାନ୍ୟ ଗୋଟ ଛୋଟଖାଲର ମାଟି ପକେଇବା ପାଇଁ ବି କାହାରି ହାତରେ ସମୟ ନାହିଁ। ପ୍ରଶାସନ ଯେତେ ଚେଷ୍ଟା କଲେ ବି ଜଙ୍ଗଲର ସଠିକ୍ ? ଭାବେ ସଂରକ୍ଷଣ କରିପାରୁନାହିଁ। ପୂର୍ବରୁ ଗାଁ ଜଙ୍ଗଲକୁ ରକ୍ଷଣାବେକ୍ଷଣ ଲାଗି ଗାଁ ସ୍ତରରେ ଅନେକ ନୀତି ନିୟମ ରହୁଥିଲା। କିନ୍ତୁ ଯେତେ ଜନସଂଖ୍ୟା ବଢୁଛି ସେତେ ଆବଶ୍ୟକତା ପଡୁଥିବାରୁ ବିଭିନ୍ନ ଘରୋଇ କାର୍ଯ୍ୟ ଲାଗି ଜଙ୍ଗଲ ନଷ୍ଟ କରୁଛନ୍ତି। ବର୍ତ୍ତମାନ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି,କାହାରି ହାତରେ କାହାଲାଗି ଟିକେ ବି ସମୟ ବାହାର କରିବାକୁ କଷ୍ଟକର ହୋଇଯାଇଛି। କିମ୍ବା ଟିକେ ସମୟ ବାହାର କରିବାକୁ ମାନସିକତା ସୃଷ୍ଟି ହେଉନାହିଁ। କାରଣ ଏହାଯେ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିବାର ଅଭ୍ୟାସ କରିଦେଇଛନ୍ତି। ଆଜି ସମସ୍ତଙ୍କର ବ୍ୟସ୍ତତା ପାଇଁ ସମାଜର କିଛି ସାମୁହିକ ସମ୍ପତ୍ତିର ରକ୍ଷଣାବେକ୍ଷଣା ହୋଇପାରୁ ନାହିଁ।ବିଶେଷ ଭାବେ ସାରା ଜୀବଜଗତକୁ ସନ୍ତୁଳିତ କରି ରଖିଥିବା ପ୍ରାକୃତିକ ସମ୍ପତ୍ତିର ଅବକ୍ଷୟ ବହୁଳମାତ୍ରାରେ ଦେଖାଯାଉଛି। ଏଥିପାଇଁ ଆମେ ସରକାରଙ୍କୁ ଦୋଷାରୋପ କରିବା ଉଚିତ ନୁହେଁ। ଆମେ ବ୍ୟବହାର କରୁଥିବା ସାମୁହିକ ସମ୍ପତ୍ତିର ରକ୍ଷଣାବେକ୍ଷଣା ପାଇଁ ଜନ ସାଧାରଣ ହିଁ ଦାୟୀ।

ଆପ୍‌ର ଆଦର୍ଶଗତ ସମସ୍ୟା

ଅଧ୍ୟାପକ ଗୋପବନ୍ଧୁ

ଭାରତୀୟ ରାଜନୀତିରେ ଆମ୍ ଆଦମୀ ପାର୍ଟିର ଆବିର୍ଭାବ ବିକଳ୍ପ ରାଜନୀତିର ସମ୍ଭାବନାକୁ ଉଜ୍ଜ୍ୱଳ କରିଥିଲା। ଭ୍ରଷ୍ଟାଚାର ମୁକ୍ତ ଭାରତବର୍ଷ ଗଠନ ଓ ସ୍ୱରାଜ ନୀତିର ଅନୁସରଣ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଲୋକଙ୍କ ବିଶ୍ୱାସ ଥିଲା। ବର୍ତ୍ତମାନର ଖର୍ଚ୍ଚ ବହୁଳ ରାଜନୀତିରେ ଯେଉଁ ସ୍ୱଚ୍ଛୋଟ ସମାଜ ସେବୀ ଓ କର୍ମୀମାନେ ଥଳକୂଳ ପାଉନଥିଲେ ସେମାନେ ଏହି ପାର୍ଟି ମାଧ୍ୟମରେ ନିଜର ପରାକାଷ୍ଠାକୁ ପ୍ରଦର୍ଶନ କରିପାରିବେ ବୋଲି ଆଶା କରିଥିଲେ। ଦେଶର ସଂଖ୍ୟାଧିକ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଢିଚାଲିଛି ବୋଲି ଅନୁଭବ ହେଉଥିଲା। ସମଗ୍ର ଦେଶରେ ତଥା ଓଡିଶାରେ ପାର୍ଟି କ୍ଷୀପ୍ର ବିସ୍ତାର ଲାଭ କରୁଛି ବୋଲି ଦାବି ହେଉଥିଲା। ଏ ସମସ୍ତ ଆକଳନ ଆଦୌ ମିଥ୍ୟା ନଥିଲା।

କିନ୍ତୁ ବିଗତ ଦୁଇଟି ରାଜ୍ୟର ବିଧାନସଭା ନିର୍ବାଚନରେ ସେହି ଅନୁସାରେ ଜନସମର୍ଥନ ମିଳିନଥିବାର କଥା ସ୍ପଷ୍ଟ ପ୍ରତୀୟମାନ ହେଉଛି। ପ୍ରବଳ ଜନସମାଗମ ପରିଲକ୍ଷିତ ହେଉଥିଲା ଗୁଜରାଟର ଆପ୍ ମିଟିଂରେ। କଳନା ହେଉଥିଲା ସେଠାରେ ପାର୍ଟି ସରକାର ଗଢିବ। ହେଲେ ଶେଷବେଳକୁ ସମର୍ଥନ ହ୍ରାସ ପାଇଲା ଓ ଆପ୍ କୁ କେବଳ ପାଞ୍ଚଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ହିମାଚଳ ପ୍ରଦେଶରେ ପାର୍ଟିର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ଜଣା। ଅଗବଶ୍ୟ ଦିଲ୍ଲୀରେ ନଗର ନିଗମ ନିର୍ବାଚନରେ ଆପ୍ ବିଜୟୀ ହୋଇଛି। ତେବେ ବିଗତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପାର୍ଟି ଯେତିକି ଭୋଟ ପାଇଥିଲା, ସେହି ତୁଳନାରେ ଭୋଟହାର ବହୁତ କମିଯାଇଛି। ଅବଶ୍ୟ ରାଜନୀତିରେ ଉପରତଳ ଖେଳ ରହିଛି। ତେଣୁ କରି ଆପ୍ ର ବିକଳ୍ପ ରାଜନୀତି ସମ୍ଭାବନା ସମାପ୍ତ ହୋଇଯାଇଛି ବୋଲି କୁହାଯାଇ ପାରିବ ନାହିଁ। ତେବେ ରାଜନୈତିକ ସମୀକ୍ଷକଙ୍କ ମତ ଆମ୍ ଆଦମୀ ପାର୍ଟିର ବଡ ଦୁର୍ବଳତା ହେଉଛି ଆଦର୍ଶଗତ ସମସ୍ୟା। ଅନୁସୃତ ଆଦର୍ଶକୁ ନେଇ ଅଭିଯୋଗ ଓ ପ୍ରତିଅଭିଯୋଗ ଲାଗି ରହିଛି। ଅନେକ କ୍ଷେତ୍ରରେ ଆପ୍ ସାଲିସ୍ କରୁଥିବାର ଅଭିଯୋଗ ହେଉଛି।

ଆମ୍ ଆଦମୀ ପାର୍ଟିର ସ୍ଥିତି ଓ ପ୍ରଗତୀ ସମ୍ବନ୍ଧରେ ବିଚାର କରିବା ସମୟରେ ଅନୁଧ୍ୟାନ କରିବା ଜରୁରୀ ଯେ କେଉଁମାନେ ଏହାର ଜନାଧାର। କେଉଁମାନେ ଚାହାଁନ୍ତି ଏ ପାର୍ଟି ଆଗକୁ ବଢୁ ଓ କାହିଁକି ଚାହାଁନ୍ତି ଆଗକୁ ବଢୁ। ଦେଶରେ ଗୋଟିଏ ପ୍ରଗତିଶୀଳ ଗୋଷ୍ଠୀ ରହିଛନ୍ତି। ଯେଉଁମାନେ ଜାତି, ଧର୍ମ ଓ ଭ୍ରାନ୍ତ ବିଚାର ଧାରାର ଉର୍ଦ୍ଧରେ। ଏମାନଙ୍କ ମଧ୍ୟରେ ସଂଖ୍ୟାଧିକ ଭାବେ ବାମପନ୍ଥୀମାନେ ଅଛନ୍ତି। ନାସ୍ତିକମାନେ ମଧ୍ୟ ଅଛନ୍ତି। ଦେଶରେ ବାମପନ୍ଥୀ ରାଜନୈତିକ ଦଳଗୁଡିକ ସଙ୍କୁଚିତ ହେବାରେ ଲାଗିଛି। ରାଷ୍ଟ୍ରୀୟ ସ୍ତରରେ ନିଜର ପତିଆରା ବିସ୍ତାର ଆଉ ନିକଟ ଭବିଷ୍ୟତରେ ସମ୍ଭବପର ନୁହେଁ ବୋଲି ଏମାନେ ବିଶ୍ୱାସ କରୁଛନ୍ତି। ତେଣୁ ଆପ୍ ହେଉଛି ନିକଟତର ଦଳ ଯାହା ଅନେକ ମାତ୍ରାରେ ଏମାନଙ୍କ ବିଚାର ସହିତ ସାମଞ୍ଜସ୍ୟତା ରଖେ। ସମଗ୍ର ଦେଶରେ ଏହି ଗୋଷ୍ଠୀର ଲୋକମାନେ ବିଶ୍ୱାସ କରୁଥିଲେ ଯେ ଆପ୍ କିଛି ମାତ୍ରାରେ ପ୍ରଗତିଶୀଳ ବିଚାରର ଅନୁସରଣ କରେ। ଏହା ସହିତ ଗରୀବ ଲୋକଙ୍କ ବିକାଶ କଥା ଚିନ୍ତା କରୁଥିବା ଯୋଗୁଁ ଏମାନଙ୍କ ଅନୁକମ୍ପା ଏ ପାର୍ଟି ପ୍ରତି ଥିଲା।

ଏହି ଗୋଷ୍ଠୀ ପ୍ରଗତିଶୀଳ ଚିନ୍ତନରେ ଆଦୌ ସାଲିସ୍ କରନ୍ତି ନାହିଁ। କ୍ରମେ ଏମାନଙ୍କ ମୋହ ଭଙ୍ଗ ହେଉଛି। ଭାରତୀୟ ଟଙ୍କାରେ ଲକ୍ଷ୍ମୀ ଓ ଗଣେଶଙ୍କ ଫୋଟ ଛାପିବା ସମ୍ବନ୍ଧୀୟ ଶ୍ରୀ କେଜରିୱାଲଙ୍କ ବୟାନ ଏମାନଙ୍କୁ ବ୍ୟଥିତ କରିଛି। ଏମାନେ ଭାବିବା ଆରମ୍ଭ କରିଛନ୍ତି ଯେ ଆପ୍ ତାଙ୍କ ବିଚାରମତେ ଏକ ପ୍ରଗତିଶୀଳ ଦଳ ନୁହେଁ। ଏହା ଏକ ରକ୍ଷଣଶୀଳ ଧର୍ମଭିତ୍ତିକ ଦଳ। କେବଳ ସେତିକି ନୁହେଁ ଯେଉଁମାନେ ଧର୍ମନିରପେକ୍ଷତାର ଦୃଢ଼ ସମର୍ଥକ ସେମାନେ ମଧ୍ୟ ହତୋତ୍ସାହିତ ହୋଇଛନ୍ତି। ଗୋଟିଏ ବହୁଧର୍ମୀ ରାଷ୍ଟ୍ରରେ କେବଳ ଗୋଟିଏ ଧର୍ମର ଦେବଦେବୀଙ୍କ ଫୋଟ ଟଙ୍କାରେ ରହିବା ଠିକ୍ ନୁହେଁ। ରହିଲେ ସମସ୍ତ ଧର୍ମର ରହିବା ସମୀଚିନ ବୋଲି ଏମାନଙ୍କ ମତ। ଆପ୍‌ର ଧର୍ମନିରପେକ୍ଷତା ଉପରେ ସନ୍ଦେହ ଜାତ ହୋଇଛି। ତେଣୁ ଏମାନେ ମଧ୍ୟ ଅହରିବା ଆରମ୍ଭ କରିଦେଇଛନ୍ତି।

ଆମ୍ ଆଦମୀ ପାର୍ଟି ଶହୀଦ ଭଗତ ସିଂ ଓ ବାବାସାହେବ ଆମ୍ବେଦକରଙ୍କ ଆଦର୍ଶର ଅନୁଗାମୀ ବୋଲି ଦାବୀ କରୁଛି। ଉଭୟଙ୍କ ଫୋଟଚିତ୍ର ଆପ୍ କାର୍ଯ୍ୟାଳୟ ମାନଙ୍କରେ ଟଙ୍ଗା ଯିବାର ସିଦ୍ଧାନ୍ତ ନେଇଛି। ଫୋଟ ଟାଙ୍ଗିବା ଓ ଆଦର୍ଶର ଅନୁସରଣ କରିବା ଦୁଇଟି ଭିନ୍ନ ବିଷୟ। ଶହୀଦ ଭଗତ ସିଂ ବାମପନ୍ଥୀ ବିଚାରଧାରାର ଥିଲେ। ଏହା ସହିତ ସେ ନାସ୍ତିକ ମଧ୍ୟ ଥିଲେ। ଦେଶପାଇଁ ତାଙ୍କ ବଳିଦାନ ଅତୁଳନୀୟ ଥିଲା। ସେହିପରି ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ସାମାଜିକ ସଂଗ୍ରାମର ପଟ୍ଟାନ୍ତର ନାହିଁ। ତାଙ୍କ ସଂଗ୍ରାମର ଅନ୍ତିମ ଲକ୍ଷ୍ୟ ଥିଲା ଏକ ଜାତିରହିତ ସମତାଭିତ୍ତିକ ବୌଦ୍ଧିକ ସମାଜ ଗଠନ। ଯେଉଁ ସମାଜରେ ଭାତୃତ୍ୱଭାବ, ମାନବିକତା ଓ ପ୍ରଗତୀଶୀଳତା ବିରାଜମାନ ଥିବ। ଆପ୍ କେତେ ମାତ୍ରାରେ ଏହି ଦୁଇ ମହାପୁରୁଷଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ତାହାର ସତ୍ୟାସତ୍ୟ ସମୟ ବତାଇବ। ଭୋଟ ହାତେଇବା ପାଇଁ ଏମାନଙ୍କ ଫୋଟ ଟଙ୍ଗା ଯାଇଛି କି ମାର୍କସବାଦ ଅନୁଯାୟୀ ଆର୍ଥିକ ସମତା ଓ ଆମ୍ବେଦକରବାଦ ଅନୁସାରେ ଜାତିବିହୀନ ସମତା ସମାଜର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରୁଛି ତାହା ସ୍ପଷ୍ଟ ହୋଇନାହିଁ। ଏ ବାବଦକୁ ସ୍ପଷ୍ଟ ମତ ପ୍ରକାଶ ପାଇନାହିଁ।

ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କ ଅଭିଯୋଗ ଯେ ଆପ୍ ମିଛରେ ଧର୍ମନିରପେକ୍ଷତାର ଅନୁଗାମୀ ବୋଲି ଦାବି କରୁଛି। ପ୍ରକୃତପକ୍ଷେ ଏହା ହିନ୍ଦୁବାଦୀ ରାଜନୈତିକ ସଂଗଠନ ଅଟେ। ଦଳିତ, ଆଦିବାସୀ ଓ ପଛୁଆବର୍ଗ ସଂଗଠନମାନଙ୍କ ଅଭିଯୋଗ ଯେ ଆପ୍ ନାମକୁ ମାତ୍ର ଡକ୍ଟର ଆମ୍ବେଦକରଙ୍କ ଅନୁଗାମୀ, ପ୍ରକ

ଜଗିଙ୍ଗ ଏବଂ ଜିନ୍ସ ମନା

ଜଗିଙ୍ଗ ମନା

ପୂର୍ବ ଆଫ୍ରିକା ଏପରି ଏକ ଦେଶ ଅଛି ଯେଉଁଠି ଜଗିଙ୍ଗ କରିବା ମନା। ଏହି ଦେଶର ନାମ ବୁରିଣ୍ଡି। ସାଧାରଣତଃ ଜଗିଙ୍ଗ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର, ଏକଥା ସରକାରଙ୍କୁ ଜଣା ଥିଲେ ହେଁ ଜଗିଙ୍ଗ ଓ ମର୍ଣ୍ଣିଂ ୱାକକୁ ଏଠାରେ ସମ୍ପୂର୍ଣ୍ଣ ବ୍ୟନ କରାଯାଇଛି। ୨୦୧୪ ରେ ବୁରିଣ୍ଡିରେ ଜଗିଙ୍ଗ କରିବା ନେଇ ଏଠାକାର ରାଷ୍ଟ୍ରପତି ମନା କରିଥିଲେ। ସେ କହିଥିଲେ ଏହା ଦ୍ୱାରା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଇଛି, ଫଳରେ ଦିନକୁ ଦିନ ଅପରାଧ ବଢି ଚାଲିଛି। ରାଷ୍ଟ୍ରପତିଙ୍କର ଏଭଳି କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ ହେଁ ଦେଶରୁ ଅପରାଧ ରୋକିବା ଲାଗି ସିଧା ମନା କରିଛନ୍ତି। ଏହା ପରଠାରୁ ସେଠାରେ ଜଗିଙ୍ଗ ବ୍ୟାନ୍ ନେଇ ଏକ ଆଇନ ମଧ୍ୟ ପ୍ରଣୟନ କରାଯିବାକୁ ଯୋଜନା ହେଉଛି।

ଚୁଇଙ୍ଗ ଗମ୍ ମନା

ସିଙ୍ଗାପୋରରେ ୨୦୦୪ ରୁ ଚୁଇଡଗ ଗମ୍ ଖାଇବା ବ୍ୟାନ କରି ଦିଆଯାଇଥିଲା। ଏହା ପଛରେ ପ୍ରମୁଖ କାରଣ ରହିଥିଲା, ରାସ୍ତାଘାଟରେ ଚୁଇଙ୍ଗ ଗମ୍ ପଡି ପରିବେଶକୁ ନଷ୍ଟ କରୁଥିବା ବେଳେ ଲୋକମାନେ ମଧ୍ୟ ଏହାକୁ ଖାଇ ବିଭିନ୍ନ ଶ୍ୱାସ ସମ୍ବନ୍ଧୀୟ ରୋଗରେ ପଡୁଥିଲେ। ଏଥିପାଇଁ ଏଠାରେ ଚୁଇଙ୍ଗ ଗମ ସମ୍ପୂର୍ଣ୍ଣ ବ୍ୟାନ୍।

ଜିନ୍ସ ପିନ୍ଧିବା ମନା

ଉତ୍ତରକୋରିଆକୁ ପଶିବା ମାତ୍ରେ ରାସ୍ତାଘାଟ ଚାରିଆଡେ ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ଫଟୋ ଦେଖିବାକୁ ପାଇବେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେ ତାଙ୍କ ଦେଶରେ ନୀଳ ରଙ୍ଗର ଜିନ୍ସକୁ ସମ୍ପୂର୍ଣ୍ଣ ବ୍ୟାନ୍ କରିଦେଇଛନ୍ତି। ଏହା ପଛରେ ରହିଥିବା କାରଣ ହେଉଛି ବିଦେଶୀ ସଂସ୍କୃତିକୁ ବର୍ଜନ କରିବା। ବିଶେଷକରି ଏହି ଜିନ୍ସ ପ୍ରସ୍ତୁତ କରୁଥିବାରୁ ସେ ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି।

ବାହାରେ ଛେପ ପକାଇବା ମନା

ଭାରତରେ ପାନ ଖାଇ ଯେଉଁଠି ପାଇ ସେଇଠି ଛେପ ପକାଇବା ଅତି ସାଧାରଣ କଥା। କିନ୍ତୁ ଏମିତି କିଛି ସ୍ଥାନ ରହିଛି ଯେଉଁଠି ପାନ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଏହି ସ୍ଥାନଟି ହେଉଛି ବ୍ୟାଙ୍ଗକକ। ସଫା ସୁତୁରା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବାଏହି ସହରରେ ରାସ୍ତାରେ ପାନ ଖାଇ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଯଦି ଭୁଲରେ ଛେପ ପକାଇ ଦେଇଛନ୍ତି ଏଥିପାଇଁ ଫାଇନ ବ୍ୟବସ୍ଥା ମଧ୍ୟ ରହିଛି।

ନକଲି ଦାନ୍ତରେ କାମୁଡିବା ଅପରାଧ

ସାଧାରଣତଃ ଦାନ୍ତରେ କାମୁଡିଲେ ବିଭିନ୍ନ ରୋଗ ହେଉଥିବା ଯୋଗୁ ଡାକ୍ତରମାନେ ଏପରି କରିବାକୁ ବାରଣ କରିଥାନ୍ତି। ହେଲେ ଲୁଇସିଆନାରେ ଏକ ଅଜବ ଆଇନ ରହିଛି। ଏଠାରେ କାମୁଡିବା ତ ଏକ ଛୋଟ ଅପରାଧ। ଯଦି ସତ ଦାନ୍ତରେ ଜଣେ ଅନ୍ୟ ଜଣକୁ କାମୁଡିଦିଅନ୍ତି ତ ଯେତିକି ଅପରାଧ ନୁହେଁ ତା'ଠାରୁ ବେଶୀ ବଡ ଅପରାଧ ନକଲି ଦାନ୍ତରେ କାମୁଡିବା।

କଥାରେ ରହିଛି ନଈ କେ ଫାଙ୍କ ଦେଶ କେ ବାଙ୍କ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଆଇନ ରହିଛି। ବେଳେବେଳେ ସରକାର ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବା ପାଇଁ ନୂଆ ନିୟମ ଲାଗୁ କରୁଥିବା ବେଳେ ଏହା ହିଁ ପରବର୍ତ୍ତୀ ସମୟରେ ସେଠାରେ ଆଇନରେ ପରିଣତ କରାଯାଇଥାଏ। ଯେମିତି ବର୍ତ୍ତମାନ ଆମ ଦେଶରେ ଟ୍ରାଫିକ୍ ନିୟମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ଏମିତି ବି ଦେଶ ରହିଛି ଯେଉଁଠି ଜିନ୍ସ ପିନ୍ଧିବା ସମ୍ପୂର୍ଣ୍ଣ ମନା।



ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ଆପଣାନ୍ତୁ କିଛି ଟିପ୍ସ। ଅତି ସାଧାରଣ ଏହି ଟିପ୍ସ ପାଇଁ ଆପଣଙ୍କ ଘରେ ହିଁ ରହିଛି ସବୁକିଛି ଜିନିଷ...

କିଛି ହେଲ୍‌ଥ ଟିପ୍ସ

ପ୍ରତିଦିନ ବିଛଣାକୁ ଯିବା ପୂର୍ବରୁ ଗୋଟିଏ ଗ୍ଲାସ୍ ନଖ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ବହୁ ରୋଗରୁ ମୁକ୍ତି ମିଳିବ। ବିଶେଷ କରି ଶ୍ୱାସ ନଳି ସଫା ରହେ, କାଶ ହୁଏନାହିଁ।

-ରାତିରେ ୬ରୁ୮ଟି ବାଦାମକୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ଚୋପା ଛଡାଇ ଖାଇଲେ ଫ୍ୟାଟ୍ କମିଯିବ।

-ରାତିରେ ମେଥିକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉଠି ଏହାକୁ ବାଟି ପିଇଲେ ଡାଇବେଟିସରୁ ମୁକ୍ତି ମିଳିବ।

-ଆମ୍ବ ଖାଇସାରିବା ପରେ କ୍ଷୀର ପିଇଲେଳ ଚଳିବ, କିନ୍ତୁ ପାଣି ଜମାରୁ ପିଅନ୍ତୁ ନାହିଁ। ତା'ଛଡା କିଡନୀ ରୋଗୀ ଏବଂ ଜଳଉଦରୀ ହୋଇଥିବା ରୋଗୀ ଆମ୍ବ ଖାଇବା ଅନୁଚିତ।

-ପ୍ରତିଦିନ ଗୋଟିଏ ଚାମଚ ମହୁ ଯେମିତି ହେଲେ ଖାଆନ୍ତୁ ନିଶ୍ଚିତ ଭାବେ ନିରୋଗ ରହିବେ।

-ଯଦି ବାନ୍ତି ଲାଗୁଛି ତ ଲେମ୍ବୁରେ ଅଳ୍ପ ଟିକେ ଲୁଣ ଲଗାଇ ଚୁଚୁମିଲେ ନିଶ୍ଚିତ ଉପକାର ମିଳିବ।

-ଯଦି ପେଟ କାଟୁଛି ଜୁଆଣି ଭାଜି ଗୁଣ୍ଡ କରି ସେଥିରେ ସୈନ୍ଧବ ଲବଣ ମିଶାଇ ଦିଅନ୍ତୁ। ଏହାକୁ ରେଗୁଲାର ଉଷୁମ ପାଣି ସହିତ ଖାଇଲେ ଆରାମ ମିଳିବ।

-ଯଦି ଶୀଘ୍ର ଓଜନ କମ୍ କରିବାକୁ ଚାହାନ୍ତି ତ ନିୟମିତ ଭାବେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଉଚିତ।

-ପେଗେନନ୍ସୀ ସମୟରେ ଅମୃତଭଣ୍ଡା ଜମାରୁ ବି ଖାଆନ୍ତୁନି। କାରଣ ଆବୋର୍ସନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

-୧୦ଗ୍ରାମ ଅଦାକୁ ବାଟି ୨୦୦ ମିଲିଲିଟର ପାଣିରେ ଫୁଟାନ୍ତୁ। ପାଣି ସିଝିସିଝି ଚାରିଭାଗରୁ ଭାବେ ରହିଲେ ତାକୁ ଛାଟି ଗୋଟିଏ କପ୍ ଉଷୁମ କ୍ଷୀର ସହିତ ମିଶାଇ ପିଅନ୍ତୁ, ଥଣ୍ଡା କାଶ ଆଦିରୁ ଉପଶମ ମିଳିବ।

ସତର୍କ ରୁହନ୍ତୁ

ବର୍ଷା ଋତୁ ଆସିଲେ ନିଜକୁ ଟିକେ ତାଜା ଅନୁଭବ କରିବା ଲାଗି ଚା' ଓ କଫି ପିଇବାକୁ ଲୋକେ ଖୁବ୍ ପସନ୍ଦ କରନ୍ତି। ଆପଣ କ'ଣ ଅଧିକ ଗରମ ଚା' ପିଉଛନ୍ତି କି ଏମିତି କରନ୍ତୁ ନାହିଁ, ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ କ୍ଷତିକାରକ...



ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସର ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଗରମ ଚା' ବା କଫି ପିଇବା ଯୋଗୁଁ କ୍ୟାନସର ବା ଖାଦ୍ୟ ନଳୀରେ କ୍ୟାନସର ହେବାର ଆଶଙ୍କା ରହିଛି।

-ଏସୋଫେଗଲ କ୍ୟାନସର କ'ଣ?

ଗଳାରେ କ୍ୟାନସର ବା ଏସୋଫେଗଲ କ୍ୟାନସର ସେତେବେଳେ ହୋଇଥାଏ ଯେତେବେଳେ ଭୋଜନ ନଳୀରେ ଅସାମାନ୍ୟ କୋଷିକା ଅନିୟନ୍ତ୍ରିତ ଉପାୟରେ ବଢିଥାଏ। ଏହାକୁ ଖାଦ୍ୟ ନଳୀ ମଧ୍ୟ କୁହାଯାଇଥାଏ। ଏହି ଟ୍ୟୁବ ଦ୍ୱାରା ପାଟିରେ ଖାଉଥିବା ଖାଦ୍ୟ ପେଟ ଭିତରେ ପହଞ୍ଚିଥାଏ। ଏହା ସେତେବେଳେ ଜଣା ପଡିଥାଏ, ଯେତେବେଳେ ଲୋକେ ୬୦ ବର୍ଷରେ ପହଞ୍ଚି ଯାଇଥାନ୍ତି।

-ପେଟ ସମସ୍ୟା

ଗରମ ଚା' ଯୋଗୁଁ ଲୋକଙ୍କୁ ବହୁ ପ୍ରକାରର ପେଟ ରୋଗର ସାମ୍ନା କରିବାକୁ ପଡିଥାଏ। ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ବାନ୍ତି, ରକ୍ତ ସହିତ କଳା ଝାଡା ମଧ୍ୟ ହେବାର ସମ୍ଭାବନା ରହିଥାଏ। ଏହା ଅଲସର ସମସ୍ୟା ବି ସୃଷ୍ଟି କରିଥାଏ।

-ରକ୍ତ ହୀନତା

ଅଧିକ ଗରମ ଚା' ବା କଫି ପିଇବା ରକ୍ତ ଲାଗି କ୍ଷତିକାରକ। ଏହା ପ୍ରଭାବରେ ଶରୀରରେ ରକ୍ତହନୀତା ଦେଖାଦିଏ। ଓଜନ କମ୍ ହୋଇଥାଏ। ଖାଦ୍ୟ ଗିଳିବା ଲାଗି କଷ୍ଟ, କାଶ ବା ଗଳା ବସିବା ଭଳି ସମସ୍ୟା ଦେଖାଦେଇଥାଏ।

-ମେଟାବଲିଜିମ

ଚା' ଶରୀରରେ ମେଟାବଲିଜିମ୍ କମ କରି ରକ୍ତକୁ କମ କରିଦେଇଥାଏ। ଏହା ଦ୍ୱାରା ଶରୀରର ଭିତର ନଳୀରେ ଘା' ଓ ଛାଲ ମଧ୍ୟ ସୃଷ୍ଟି ହୋଇଥାଏ।

-ଗୁପ୍ତାଙ୍ଗ ସମସ୍ୟା

ଏହା ଶରୀରରେ ଗୁପ୍ତାଙ୍ଗ ସମସ୍ୟା ଉତ୍ପନ୍ନ କରିଥାଏ। ଗୁପ୍ତାଙ୍ଗ ଦୁର୍ବଳ ହେବା ସହିତ ସେକ୍ସ ପାୱାର କମ କରିଦିଏ।

-ଦାନ୍ତ ସମସ୍ୟା

ଅଧିକ ଗରମ ଓ ବହୁଥର ଚା' କଫି ପିଇବା ଦ୍ୱାରା ଆମର ଦାନ୍ତ ସମସ୍ୟା ଦେଖା ଦେଇଥାଏ। ଏଥିରେ ଦାନ୍ତ ହଳଦି ରଙ୍ଗର ହୋଇଯାଏ।

ସୋନାକ୍ଷୀଙ୍କ ଅକଲ ଗୁଡୁମ

'କୌନ ବଜେଗା କେରାଡ ପତି'ର ଗତ ଶୁକ୍ରବାର ପ୍ରସାରିତ 'କେବିସି କର୍ମବୀର' ଏପିସୋଡରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ରାଜସ୍ଥାନର ବାଡମେରର ରୁମା ଦେବୀଙ୍କ ସହିତ ଦେଖିବାକୁ ମିଳିଥିଲେ। ସୋନାକ୍ଷୀ ନାରୀ ଶକ୍ତି ପୁରସ୍କାରରେ ସମ୍ମାନିତ ରୁମା ଦେବୀଙ୍କୁ ସର୍ପୋଟ କରିବାକୁ କେବିସି ମଞ୍ଚକୁ ନିମନ୍ତ୍ରିତ ହୋଇ ଆସିଥିଲେ। ବିଗ୍ ବି 'ଅମିତାଭ ବଚ୍ଚନ ଯେତେବେଳେ ତାଙ୍କୁ 'ରାମାୟଣ' ସହିତ ଜଡିତ ଏକ ଖୁବ୍ ସହଜ ପ୍ରଶ୍ନ ପଚାରିଥିଲେ ହେଁ ସୋନାକ୍ଷୀ କିନ୍ତୁ ଏହାର ଉତ୍ତର ଦେଇପାରିନଥିଲେ। ରୁମା ଦେବୀ ଓ ସୋନାକ୍ଷୀଙ୍କୁ ପଚରା ଯାଇଥିଲା, ରାମାୟଣ ଅନୁସାରେ ହନୁମାନ କାହାପାଇଁ ସଞ୍ଜୀବନୀ ବୁଟି ନେଇ ଆସିଥିଲେ। ଏହି ପ୍ରଶ୍ନର ଅପଶନରେ ଥିଲା ଏ)ସୁଗ୍ରିବ, ବି)ଲକ୍ଷ୍ମଣ, ସି)ସୀତା, ଡି) ରାମ। ତେବେ ଉଭୟ ସୋନାକ୍ଷୀ ଓ ରୁମା ଏହି ସହଜ ପ୍ରଶ୍ନଟିର ଉତ୍ତର ସି) ସୀତା ହିଁ ଦେଇଥିଲେ। ତେବେ ଏତେ ସହଜର ପ୍ରଶ୍ନର ଉତ୍ତର ଗୋଟେ ଛୋଟ ପିଲା ଦେଇପାରିବ। ପ୍ରଶ୍ନଟି ପାଇଁ ରୁମାଙ୍କୁ ଲାଇଫ ଲାଇନ ଗ୍ରହଣ କରିବାକୁ ପଡିଥିଲା। ଆର୍ଡଭାଇଜର ଲକ୍ଷ୍ମଣ ବୋଲି କହି ସଠି୍ ଉତ୍ତର ଦେଇଥିଲେ। ତେବେ ସବୁଠାରୁ ବଡ କଥା ହେଲା ସୋନାକ୍ଷୀଙ୍କ ପିତାଙ୍କ ନାମ ଶତ୍ରୁଘ୍ନ ସିହ୍ନା ଯିଏକି ରାମଙ୍କ ସାନ ଭାଇର ନାମ। ସୋନାକ୍ଷୀ ଯେଉଁ ଆପାର୍ଟମେଣ୍ଟରେ ରହୁଛନ୍ତି ତା'ର ନାମ ରାମାୟଣ ଓ ତାଙ୍କ ଭାଇଙ୍କ ନାମ ଲବ ଓ କୁଶ ହୋଇଥିବା ବେଳେ ଲକ୍ଷ୍ମଣ ତାଙ୍କର ଜଣେ ଦାଦାଙ୍କ ନାମ ହୋଇଥିବା ବେଳେ ସେ ଏଭଳି ପ୍ରଶ୍ନର ଉତ୍ତର ଦେଇ ନପାରିବାରୁ ଖାଲି ଦର୍ଶକ ନୁହନ୍ତି ବରଂ ବହୁ ପ୍ରଶଂସକ ତାଙ୍କୁ ଅଡୁଆ ତଡୁଆ ପ୍ରଶ୍ନ ମଧ୍ୟ କରିଛନ୍ତି।

ବାମନଘାଟୀ ଉପଖଣ୍ଡରେ ଔଷଧ ବୋଳା ମଶାରୀ ବଣ୍ଟନ ହେବ କେବେ ?

ମୟୂରଭଞ୍ଜ **୧୮/୩(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ହେଉଛି ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହୋଇଥାଏ । ଅଞ୍ଚଳର ଗ୍ରାମବାସୀ ମ୍ୟାଲେରିଆ ଜ୍ୱର ତଥା ବ୍ରେନ୍ ମ୍ୟାଲେରିଆ ଆଦିରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବାର ନଜିର ରହିଛି ।ମ୍ୟାଲେରିଆ ଜ୍ୱରର ଭୟାବହତାକୁ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସେମାନଙ୍କୁ ବିନାମୂଲ୍ୟରେ ଔଷଧ ବୋଳା ମଶାରୀ ବଣ୍ଟନ କରାଯାଉଥିଲା ଏବଂ ଏହାର ଔଷଧୀୟ ଗୁଣ ସ୍ୱରୂପ ଏହି ମଶାରୀରେ ମଶା ବସି ପାରୁ ନ ଥିଲେ ।ଯାହାଫଳରେ ଜନ ସାଧାରଣ ନିରାପଦରେ ମଶାରୀ ଭିତରେ ଶୋଇ ପାରୁଥିଲେ । ସରକାରଙ୍କ ଏହି ଯୁଗାନ୍ତକାରୀ ଯୋଜନା ରାଇରଙ୍ଗପୁର ବ୍ଲକରେ ଅନେକ ବାଧାବିଘ୍ନରେ ଆରମ୍ଭ ହୋଇଥିଲା । ଅନେକ ଅଭ୍ୟନ୍ତରୀଣ ଗ୍ରାମ ଗୁଡିକରେ ମଶାରୀ ଗୁଡିକର ଦୂରପଯୋଗ କରାଯିବାର ବହୁ ଉଦାହରଣ ରହିଛି ।ସଚେତନତା ଅଭାବରୁ ଅନେକ ମଶାରୀକୁ ମାଛ ଧରିବା, କଲେଇ (ଝରି ପୋକ) ଧରିବା ଇତ୍ୟାଦିରେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ମାତ୍ର ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇ ଅଭ୍ୟନ୍ତରୀଣ ଗ୍ରାମ ଗୁଡିକରେ ଲୋକେ ମଶାରୀ ବ୍ୟବହାର କରିବା ଆରମ୍ଭ କରିଥିଲେ । ଫଳ ସ୍ୱରୂପ ମ୍ୟାଲେରିଆ ଜ୍ୱର ରୋକିବାରେ ଏହା ସହାୟକ ହେଲା ।ଇତି ମଧ୍ୟରେ ୪ ବର୍ଷ ଅତିକ୍ରାନ୍ତ ହେବାକୁ ବସିଲାଣି । ମାତ୍ର ସରକାରଙ୍କ ପକ୍ଷରୁ ଔଷଧ ବୋଳା ମଶାରୀ ବଣ୍ଟନ ହୋଇନି । ଫଳରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି । ସରକାରୀ ତଥ୍ୟ ଅନୁସାରେ ଗତ ବର୍ଷ ଜୁଲାଇ, ଅଗଷ୍ଟ ଓ ସେପଟ୍ମେମ୍ବର ମାସର ଆକଳନର ତଥ୍ୟ ଆଧାରରେ ଜୁଲାଇ ମାସରେ ୧୪୬୫ ଜଣ ଜ୍ୱର ପରୀକ୍ଷାରେ ୨୫ଜଣ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ସେହିପରି ଅଗଷ୍ଟ ମାସରେ ୧୫୬୫ଜଣଙ୍କ ମଧ୍ୟରୁ ୨୫ ଜଣ ଆକ୍ରାନ୍ତ ଥିଲେ ।ସେପଟ୍ମେମ୍ବର ମାସରେ ୧୭୮୧ ଜଣଙ୍କ ମଧ୍ୟରୁ ୭ ଜଣ,ଅକ୍ଟୋବର ମାସରେ ୧୫୬୨ ମଧ୍ୟରୁ ୧୫ ଜଣ, ନଭେମ୍ବର୍ ମାସରେ ୧୮୫୩ ମଧ୍ୟରୁ ୨୧ ଜଣ ଓ ଡିସେମ୍ବର ମାସରେ ୨୦୦୭ ଜଣ ମଧ୍ୟରୁ ୨୮ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ । ସେହିପରି ଟାଇଫାଏଡ଼ ଜ୍ୱର ନିମନ୍ତେ ଜୁଲାଇ ମାସରେ ୧୨୨, ଅଗଷ୍ଟ ମାସରେ ୧୭୮ , ସେପଟ୍ମେମ୍ବର ମାସରେ ୨୦୭ ,ଅକ୍ଟୋବର ମାସରେ ୨୦୯ , ନଭେମ୍ବର୍ ମାସରେ ୧୮୮ ଓ ଡିସେମ୍ବର ମାସରେ ୨୧୧ ଜଣ ରକ୍ତ ପରୀକ୍ଷା କରିଥିଲେ । ମାତ୍ର ସୌଭାଗ୍ୟ ବଶତଃ ମାତ୍ର ୭ ଜଣ ଉକ୍ତ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ।ଏହା ବ୍ୟତୀତ ସରକାରୀ ତଥ୍ୟ ମାତ୍ର ବେସରକାରୀ ତଥ୍ୟ ଅଧାରରେ ବିଭିନ୍ନ ବେସରକାରୀ ପ୍ୟାଥୋଲୋଜିରେ ଶତାଧିକ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି ଯାହାକି ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ତେବେ ଗତ ୨୦୨୪ ମସିହାରେ ଜିଲ୍ଲାରେ ସର୍ବମୋଟ ୨୬୯୩ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ଜାନୁୟାରୀ ମାସ ସୁଦ୍ଧା ୫୨ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି ।ଏଠାରେ ପ୍ରକାଶ ଥାଉ କି ଗତ ୨୦୧୯-୨୦ ମସିହାରେ ସରକାରଙ୍କ ପକ୍ଷରୁ ଔଷଧ ବୋଳା ମଶାରୀ ବଣ୍ଟନ କରାଯାଇଥିଲା । ତେବେ ୪ ବର୍ଷ ହେବାକୁ ବସିଲାଣି ମଶାରୀ ବଣ୍ଟନ ହୋଇଥିଲା ଏବଂ ୪ ବର୍ଷ ତଳର ମଶାରୀ ନଷ୍ଟ ହୋଇଯିବା ଫଳରେ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଆଶଙ୍କା ପ୍ରକାଶ ପାଇଛି । ପଡୋଶୀ ଜିଲ୍ଲା କେନ୍ଦୁଝରର ଅନେକ ସ୍ଥାନରେ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଂଚିଲାଣି । ମାତ୍ର ବର୍ତ୍ତମାନ ସୁଦ୍ଧା ବାମନଘାଟି ଉପଖଣ୍ଡର କୌଣସି ବ୍ଲକରେ ଏ ପର୍ଯ୍ୟନ୍ତ ମଶାରୀ ବଣ୍ଟନ ନ ହେବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉ କି ଜିଲ୍ଲାରେ ରାଜ୍ୟ ଔଷଧ ନିଗମ (ଓଏସଏମସି)ପକ୍ଷରୁ ମଶାରୀ ବଣ୍ଟନ କରାଯାଇଥାଏ ।ତେବେ ବର୍ତମାନ ପର୍ଯ୍ୟନ୍ତ ମଶାରୀ ବଣ୍ଟନ ନ ହେବା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି । ଏ ସମ୍ବନ୍ଧରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଏସଡିଏମଓ ଡ. ରବୀନ୍ଦ୍ର ମାରାଣ୍ଡିଙ୍କ ସହିତ ଯୋଗାଯୋଗ କରିବାରୁ ପ୍ରାୟ ୪ ମାସ ହେଲାଣି ମଶାରୀ ହସ୍ପିଟାଲ ଗୁଡ଼ିକୁ ଯୋଗାଇ ଦିଆଯାଇଛି କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଅନୁମତି ନ ମିଳିଥିବାରୁ ମଶାରୀ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ଅନୁମତି ମିଳିଲେ ଖୁବଶିଘ୍ର ମଶାରୀ ବଣ୍ଟନ କରାଯିବ ଏବଂ ଯେତିକି ମଶାରୀର ଆବଶ୍ୟକତା ଅଛି ତାଠାରୁ କମ୍ ମଶାରୀ ଆସିଛି ।ଜନ ସଂଖ୍ୟା ତୁଳନାରେ ଅଧିକ ମଶାରୀ ଆବଶ୍ୟକ ବୋଲି ନିଜ ମତ ରଖିଛନ୍ତି । ତେବେ ଆଦିବାସୀ ବହୁଳ ଅଭ୍ୟନ୍ତରୀଣ ଗ୍ରାମ ଗୁଡିକରେ ବସବାସ କରୁଥିବା ଅଧିବାସୀମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟି କୋଣରୁ ତୁରନ୍ତ ଔଷଧ ବୋଳା ମଶାରୀ ବଣ୍ଟନ କରିବା ନିମନ୍ତେ ଜନସାଧାରଣରେ ଦାବି ହେଉଛି ।

'କାନ୍ଦେନା ଲୁହ ସରିଯିବ 'ସାମାଜିକ ନାଟକ ମଞ୍ଚସ୍ଥ

ପୋଲସରା**୧୮/୩(ନି.ପ୍ର):** ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡା ପଞ୍ଚାୟତର ପାତାଳସିଙ୍ଗ ଗ୍ରାମରେ ହରଗୌରୀ ନାଟ୍ୟ ସଂସଦ ଦ୍ୱାରା ସାମାଜିକ ନାଟକ 'କାନ୍ଦେନା ଲୁହ ସରିଯିବ ' ୧୫/୦୩/୨୫ ତାରିଖ ପବିତ୍ର ହୋଲି ଅବସରରେ ମଞ୍ଚସ୍ଥ ହୋଇଯାଇଛି ।ପାଣ୍ଡିରିପଡା ସରପଞ୍ଚ ରଘୁନାଥ ଭୂୟାଁଙ୍କ ଉଦ୍ୟମରେ ଅନୁଷ୍ଠିତ ନାଟକକୁ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଘୁମୁସର ସାଙ୍ଗଠନିକ ଜିଲ୍ଲା ବିଜେପି ଉପସଭାପତି ପ୍ରଭାକର ପଣ୍ଡା ଏବଂ, ଚିରିକିପଡା ଶାସନ ସରପଞ୍ଚ ଭଗବାନ ସାହୁ, ମଥୁରା ମଣ୍ଡଳ ବିଜେପି ସଭାପତି ମହେଶ୍ୱର ପରିଡ଼ା, ବରିଷ୍ଠ ନେତା ପୀତବାସ ପ୍ରଧାନ, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ସାହୁ, କୃଷ୍ଣ ଚନ୍ଦ୍ର ଜେନା, ରଘୁନାଥ ପ୍ରଧାନ, ପୃଥିବୀରାଜ ଭଞ୍ଜଦେଓ, କାମ୍ପ ବାଡେଇ, ରବିନ୍ଦ୍ର ନାୟକ, ରାଜେନ୍ଦ୍ର ପାତ୍ର ଓ ସୁନୀଲ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ପାଠାଗାର ପକ୍ଷରୁ ମାସିକ ଆଲୋଚନା ଚକ୍ର

ଦଶରଥପୁର **୧୮/୩(ନି.ପ୍ର):** କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ, ମଙ୍ଗଳପୁର ପକ୍ଷରୁ ରବିବାର ଦିନ ପାଠାଗାର ପରିସରରେ 'କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତା' ପ୍ରସଙ୍ଗ ଉପରେ ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ପାଠାଗାରର ବରିଷ୍ଠ ଉପଦେଷ୍ଟା ଡ଼ ବିଜୟ କିଶୋର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଓ ସମୀକ୍ଷକ ଭାବେ କୃଷିକବି ଅରୁଣ ପାତ୍ର ଜିଲ୍ଲା କୃଷି ଅଧିକାରୀ ବ୍ୟାସନଗର , ନିମନ୍ତ୍ରିତ ଅତିଥି ଭାବେ ବିଶ୍ୱଭୂଷଣ କର ଓଡ଼ିଶା ଜୀବିକା ମିଶନ ସଂଯୋଜକ ଅନୁଗୋଳ , ପ୍ରଗତିଶୀଳ ଚାଷୀ ରବିନାରାୟଣ ବିଶ୍ୱାଳ, ବିକ୍ରମ ରାଉତ,ଦିବାକର ପାଣି,ନୀଳମଣି ପାଣିଗ୍ରାହୀ, ସନାତନ ତ୍ରିପାଠୀ ଯୋଗଦେଇ କୃଷିର ଉନ୍ନତି ତଥା କୃଷକଙ୍କ ସମସ୍ୟା ଉପରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନାତନ ନାୟକ, ବିଜୟ କୃଷ୍ଣ ନାୟକ,କରୁଣାକର ବିଶ୍ୱାଳ, ଅଭିରାମ ଧଳ,ଅକ୍ଷୟ କୁମାର ମଲ୍ଲିକ,ସରୋଜ ବିଶ୍ୱାଳ,ଧୀରେନ୍ଦ୍ର ମଲ୍ଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।ପାଠାଗାରର ସମ୍ପାଦକ ଶ୍ରୀ ଶଶୀକାନ୍ତ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

କ୍ଲଷ୍ଟର ସ୍ତରୀୟ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଆୟୋଜିତ

ବାଲିଗୁଡା **୧୮/୩(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ଲଣ୍ଡାଗାଁ ସ୍ଥିତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସିଆରସିସି ରମେଶ ଚନ୍ଦ୍ର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲଣ୍ଡାଗାଁ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ନାୟକ ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମର ଉଦେଶ୍ୟ ଓ ଉପଯୋଗୀତା ସହ ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୂମିକା ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ଲଣ୍ଡାଗାଁ ଓ ପୁରୁଭଟ୍ଟା କ୍ଲଷ୍ଟରର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶେଷରେ ସିଆରସିସି ଶ୍ରୀ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

ବେଆଇନ ପଥର ଖନନ ବିରୋଧ ରେ ଗ୍ରାମବାସୀ ଉଚ୍ଚ ନ୍ୟାୟଳୟ ର ଦ୍ୱାରସ୍ଥ

ପାଟଣା **୧୮/୩(ନି.ପ୍ର):** ହରିଚନ୍ଦନପୁର ତହସିଲ ଅଞ୍ଚଳ ପଣ୍ଡାପଡା ଥାନା ଅନ୍ତର୍ଗତ ପଣ୍ଡାପଡା ଗ୍ରାମ ନିକଟସ୍ଥ ଶାଳବେଡା ପଥର ଖାଦାନ କୁ କିଛିଦିନ ହେବ ଏକ ଠିକା ସଂସ୍ଥା ସରକାର ଙ୍କ ଠାରୁ ଲିଜ ଆଣି ଚଳାଉଅଛି । ଯାହାକି ପଣ୍ଡାପଡା ଗ୍ରାମ ଠାରୁ ମାତ୍ର ୧୮୦ ମିଟର ଦୂରତାରେ ଅବସ୍ଥିତ ଏବଂ ପ୍ରାଥମିକ ବିଦ୍ୟାଳୟ, ମନ୍ଦିର, ରାଜରାସ୍ତା ଇତ୍ୟାଦି ମାତ୍ର ୩ଶହ ମିଟର ଭିତରେ ଅବସ୍ଥିତ । ସେଠାରେ ପଥର ଖନନ କଲାବେଳେ ବ୍ଲାଷ୍ଟିଙ୍ଗ ଦ୍ୱାରା ନିକଟସ୍ଥ ବସ୍ତି ସମ୍ପୂର୍ଣ୍ଣ ଧୂଳି ରେ ପ୍ରଦୂଷିତ ହେଉଥିବା ବେଳେ ଛୋଟ ଛୋଟ ପଥର ଖଣ୍ଡ ଘର ଉପରକୁ ଛିଟିକି ପଡୁଛି । ବ୍ଲାଷ୍ଟିଙ୍ଗ ସମୟରେ ପ୍ରଚଣ୍ଡ ଶବ୍ଦ ଦ୍ୱାରା ନିକଟସ୍ଥ ସମଗ୍ର ଅଞ୍ଚଳ ଥରି ଉଠୁଥିବା ବେଳେ ଆଖ ପାଖ ଘର ର କାନ୍ଥ ରେ ବଡ଼ ବଡ଼ ଫାଟ ସୃଷ୍ଟି ହେଇଛି । ଏହା ଦ୍ୱାରା ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହାକୁ ନେଇ ଗ୍ରାମବାସୀ ବୃନ୍ଦ ଜିଲ୍ଲା ପ୍ରଶାସନ ର ଦ୍ୱାରସ୍ଥ ହୋଇ ଥିବାବେଳେ, ଜିଲ୍ଲା ପ୍ରଶାସନ ଏକ ଜନ ଶୁଣାଣି ଆୟୋଜନ କରିଥିଲେ । ଏହି ଠିକା ସଂସ୍ଥା ର ବ୍ଲାଷ୍ଟିଙ୍ଗ ପରମିସନ ନଥିବାରୁ ସେଠାରେ କମ୍ପାନୀ ବ୍ଲାଷ୍ଟିଙ୍ଗ କରି ପାରିବ ନାହିଁ ବୋଲି ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ କମ୍ପାନୀ ବ୍ଲାଷ୍ଟିଙ୍ଗ ପରମିସନ ଆଣି ବେଆଇନ ଭାବରେ ପଥର ଖନନ କରୁଛି । ବ୍ଲାଷ୍ଟିଙ୍ଗ ପରମିସନ ର କୌଣସି ସର୍ତ୍ତ ପୂରଣ କରୁନଥିବା ବେଳେ କମ୍ପାନୀ କିପରି ବ୍ଲାଷ୍ଟିଙ୍ଗ ପରମିସନ ହାତେଇଲା ତାକୁ ନେଇ ସାଧାରଣ ରେ ସନ୍ଦେହ ସୃଷ୍ଟି ହୋଇଥିଲା । ସୂଚନା ଥାଉକି ଗତ ୧୧ ତାରିଖ ସଂଧ୍ୟା ୭ ଘଟିକା ସମୟରେ ଏକ ବଡ଼ ଧରଣର ବ୍ଲାଷ୍ଟିଙ୍ଗ ହୋଇଥିଲା ।

ପ୍ରଚଣ୍ଡ ଶବ୍ଦ ରେ ସମଗ୍ର ପଣ୍ଡାପଡା ଅଞ୍ଚଳ ଥରି ଉଠିଥିଲା । ପଥର ଖାଦାନ କୁ ଲାଗିଥିବା ତେଲିସାହି ଓ ଧରାପଡା ର ଯୁଆଙ୍ଗ ସାହି, ସମ୍ପୂର୍ଣ୍ଣ ଧୂଳି ରେ ପରିପୂର୍ଣ୍ଣ ହୋଇ ଯାଇ ଥିବାବେଳେ ଛୋଟ ଛୋଟ ପଥର ଖଣ୍ଡ ଚାରିଆଡେ ଛିଟିକି ପଡିଥିଲା । ଏହି ଘଟଣା ପରେ ତେଲି ସାହି ଓ ଯୁଆଙ୍ଗ ସାହି ର ଲୋକମାନେ ପଥର ଖାଦାନ କୁ ଯାଇ ପ୍ରତିବାଦ କରିବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ପରଦିନ ଏହି ଠିକା କମ୍ପାନୀ ଖନନ କାର୍ଯ୍ୟ ବନ୍ଦ ରଖିବା ପରିବର୍ତ୍ତେ ଗ୍ରାମବାସୀ ଙ୍କ ବିରୋଧ ରେ ମାମଲା ରୁଜୁ କରିଥିଲା କ୍ଷ କମ୍ପାନୀ ର ମନମୁଖୀ କାର୍ଯ୍ୟ କଳାପ ଓ ବେଆଇନ ପଥର ଖାଦାନ ବିରୋଧ ରେ ଗ୍ରାମବାସୀ ଉଚ୍ଚ ନ୍ୟାୟଳୟ ର ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମବାସୀ ଙ୍କ ତରଫରୁ ଏହି ଠିକା କମ୍ପାନୀ ବିରୋଧ ରେ ଏକ ଜନ ସ୍ୱାର୍ଥ ମାମଲା ଦାଏର ହୋଇଛି । ଉଚ୍ଚ ନ୍ୟାୟାଳୟ ର ବରିଷ୍ଠ ଆଇନଜୀବି ସରୋଜ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିବା ବେଳେ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ହରିଚନ୍ଦନପୁର, ରାଜସ୍ୱ ନିରୀକ୍ଷକ, ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦୁଝର ଖଣି ଅଧିକାରୀ, ଜିଲ୍ଲା ଜଙ୍ଗଲ ଅଧିକାରୀ ଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି ।

ସୋରଣରେ ବେଆଇନ ଜବରଦଖଲ ଉଚ୍ଛେଦ

ବାଲୁଗାଁ **୧୮/୩(ନି.ପ୍ର):** ସୋମବାର ପୂର୍ବାହ୍ନରେ ଚିଲିକା ତହସିଲ ଅନ୍ତର୍ଗତ ସୋରଣ ଗ୍ରାମପଞ୍ଚାୟତ ଭାଗବତୀପୁର ମୌଜା ଅଞ୍ଚଳରୁ ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଛି ।ଖବର ମୁତାବକ ସୋରଣ ପଞ୍ଚାୟତ ଭଗବତୀପୁର ମୌଜା ଠାରେ ସରକାରୀ ଜମିରେ ଏକ ଡାକ୍ତରଖାନା ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଥିଲା ।ଯାହାକି ଏହି ଡାକ୍ତରଖାନା ନିର୍ମାଣ ହେଲେ ଆଖପାଖ ୭ ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଉପକୃତ ହୋଇପାରିବେ ।ଉକ୍ତ ଜାଗାରେ ବେଆଇନ ଭାବେ ଘର ନିର୍ମାଣ କରାଯାଇଥିବା ବେଳେ ଏହାକୁ ଉଚ୍ଛେଦ ନେଇ ଚିଲିକା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଘର ମାଲିକଙ୍କୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା ।ମାତ୍ର ସମ୍ପୃକ୍ତ ଜବରଦଖଲକାରୀ ମାନେ ଏହାକୁ ଉଲଂଘନ କରିଆସୁଥିଲେ ।ଯାହାଫଳରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି ପୂର୍ବାହ୍ନରେ ଚିଲିକା ତହସିଲଦାରଙ୍କ ତତ୍ୱାବଧାନରେ ଏହି ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ,ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରା,ରାଜସ୍ୱ ସୁପରଭାଇଜର,ସୋରଣ,ନଈରୀ ରାଜସ୍ୱ ନିରୀକ୍ଷକ,ଅମିନ,ଟାଙ୍ଗୀ ପୋଲିସ ଓ ଗୋଟିଏ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ ।ବାଦବିବାଦ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିବା ବେଳେ ପରବର୍ତ୍ତୀ ସମୟରେ ଆପୋଷ ସମାଧାନ ପରେ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା ।ସୋରଣ,ଭଗବତୀପୁର ମୌଜା ସ୍ଥିତ ଖାତା ନଂ ୧୦୯୫,୧୦୯୬,୯୮୭ ଅନ୍ତର୍ଗତ ପ୍ଲଟ ନଂ ୨୩୦୬,୨୨୯୨,୧୬୮୪,୨୩୦୪ ଓ ୨୦୧୮ ରୁ ୨୧ ରୁ ଉର୍ଦ୍ଧ୍ୱ ନିର୍ମିତ ଘର ସମେତ ଅସ୍ଥାୟୀ ବାଡ଼ ଉଚ୍ଛେଦ କରାଯାଇଥିବା ତହସିଲଦାର ଶ୍ରୀ ଘଡେଇ କହିଛନ୍ତି ।

ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

ବରଗଡ଼ **୧୮/୩(ନି.ପ୍ର):** ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ,ବରଗଡର ମିଳିତ ଆନୁକୂଲ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ (ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା) ଅଧୀନରେ ଏକ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ହିତାଧିକାରୀଙ୍କୁ ପରିଚୟ ପତ୍ର ଏବଂ ବିଭିନ୍ନ ସହାୟତା ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ଅତାବିରା ନିହାର ମହାନନ୍ଦ,ବରଗଡ଼ ସାଂସଦଙ୍କ ପ୍ରତିନଧି ସୁରେଶ ଶତପଥି,ସମ୍ମାନିତ ଅତିଥି ଭଓବରେ ଅତିରିକ୍ତ ଜିଲ୍ଲାପାଳ ବରଗଡ଼ ମଧୁଛନ୍ଦଓ ସାହୁ ଯୋଗଦାନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ମାନ ଭଞ୍ଜନ ପଧାନ,ପ

ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ବରଗଡ଼ , ୧୮/୩(ନି.ପ୍ର): ବରଗଡ଼ ଜିଲ୍ଲା ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ବ୍ୟତୀତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ଏବଂ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚୌହାନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।ସୂଚନା ଯୋଗ୍ୟକି,ଉକ୍ତ ଶିବିରରେ ଜଳସେଚନ,ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା,ରାସ୍ତା ନିର୍ମାଣ,କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୭୫ ଗୋଟି ଅଭି ଯୋଗ ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ, ୨୩ ଗୋଟି ସାମୁହିକ ଅଭିଯୋଗ ଏବଂ ତନ୍ମଧ୍ୟରୁ ୨ ଗୋଟି ଅଭିଯୋଗର ତତ୍ କ୍ଷଣାତ୍ ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଜାତୀୟ ସେବା ଯୋଜନା ଦ୍ୱାରା ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ

ବାଣପୁର ୧୮/୩(ନି.ପ୍ର): ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଓ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଜାତୀୟ ସେବା ଯୋଜନା ର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମ ପୂର୍ବାହ୍ନ ୭ ଘଟିକା ଠାରୁ ଆରମ୍ଭ ହୋଇ ୧୦ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଏହି ସଫେଇ କାର୍ଯ୍ୟକ୍ରମ ଶେଷ ରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନାୟକ ହୋତା ସ୍ୱେଚ୍ଛାସେବୀ ମାନଙ୍କୁ ଏହିପ୍ରକାର କାର୍ଯ୍ୟକ୍ରମ କରିବା ପାଇଁ ଉତ୍ସାହିତ କରିବା ସହିତ ଅନେକ ସଦୁପଦେଶ ଦେଇ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମ ଟି ସ୍ୱାସ୍ଥ୍ୟକେନ୍ଦ୍ର ର ଦୁଇ ଅଧିକାରୀ ଶ୍ରୀଯୁକ୍ତ ଅଶୋକ କୁମାର ବେହେରା ଓ ପ୍ରମୋଦ କୁମାର ଦେହୁରୀଙ୍କ ପରାମର୍ଶ କ୍ରମେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ବିହାରୀ ଓ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡଃ ଲକ୍ଷ୍ମୀପ୍ରିୟା ପଲାଇ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

ପଦ୍ମଭୂଷଣ ରମାକାନ୍ତ ରଥଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ମୟୂରଭଞ୍ଜ ୧୮/୩(ନି.ପ୍ର): ପଦ୍ମଭୂଷଣ ରମାକାନ୍ତ ରଥଙ୍କ ସ୍ମୃତିରେ 'ରାଇରଙ୍ଗପୁର ସଂବାଦ ସାହିତ୍ୟଘର 'ଏବଂ 'ସେବାସ୍ତମ୍ଭ' ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଗବେଷକ ଡ.ଦିଗମ୍ବର ଗିରି ଏହି ଅନୁଷ୍ଠାନର ଆବାହକ ଥିଲେ, ଯେଉଁଥିରେ ଲଳିତ ମହାନ୍ତ, ବିଜୟ ରାମ, ମାନସ ପରିଡ଼ା, ମୁଚିରାମ ମାଝି, ଗୋପାଳ କୃଷ୍ଣ ମହାନ୍ତି,ଶକ୍ଷକ ରବୀନ୍ଦ୍ର ମୁଖି ଏବଂ ମେଘନାଦବାବୁ,ପ୍ରଶ୍ନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।ସଭାରେ ରମାକାନ୍ତ ରଥଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅମୂଲ୍ୟ ଅବଦାନ ବିଷୟରେ ଆଲୋଚନା ହୋଇଥିଲା। ଡକ୍ଟର ଗିରି ତାଙ୍କ ବକ୍ତବ୍ୟ ରେ କହିଥିଲେ ସେ ଆଧୁନିକ କବିତାରେ ମିଥ୍ ଉପଯୋଗ କରି ଏକ ନୂଆ ଧାରା ସୃଷ୍ଟି କରିଥିଲେ ଏବଂ ସେ ଆଧୁନିକ ଓଡ଼ିଆ କବିତାରେ ଏକ ନୂତନ ଧାରା ପ୍ରବେଶ କରାଇଥିଲେ । କେବଳ ସେ ଓଡ଼ିଶା ସରକାରର ପ୍ରଧାନ ସଚିବ ନୁହେଁ, ବରଂ ସାହିତ୍ୟ ଏକାଡେମିର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ ସଂପାଦନା କରିଥିଲେ।ସଭାରେ ତାଙ୍କର ସର୍ବଶ୍ରେଷ୍ଠ କୃତି 'ଶ୍ରୀରାଧା' ବିଷୟରେ ବିଶେଷ ଆଲୋଚନା କରାଯାଇଥିଲା। ସେହି ପରି 'ଅନେକ କୋଠରୀ' 'ସନ୍ଦିଗ୍ଧ ମୃଗୟା,' 'ନଯା ନଯା କହୁ କହୁ,' 'ଜାହାଜ ଆସିବ ଓ ଅଆଉ କେତୋଟି,' 'ଶ୍ରୀ ପଳାତକ' ଇତ୍ୟାଦି ଉଲ୍ଲେଖନୀୟ ସୃଷ୍ଟିଗୁଡ଼ିକ ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା।ଉକ୍ତ ସଭାରେ ରମାକାନ୍ତ ରଥଙ୍କ ସାହିତ୍ୟ ଉପଲବ୍ଧି ଏବଂ ତାଙ୍କର ଅମର କବିତାଗୁଡ଼ିକ ଉପରେ ଉଜ୍ଜ୍ୱଳ ସ୍ମୃତି ରଖି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବିଶ୍ୱ ଓଡ଼ିଆ ସମାଜ ତରଫରୁ ମହିଳା ଦିବସ ଅବସରରେ ଶକ୍ତି ଉତ୍ସବ

ନୂଆଦିଲ୍ଲୀ ୧୮/୩(ନି.ପ୍ର): ବିଶ୍ୱ ଓଡ଼ିଆ ସମାଜ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପରିପ୍ରେକ୍ଷୀରେ ଗତକାଲି 'ଶକ୍ତି ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ରେ ସ୍ଥାନୀୟ ପ୍ରଶାସନିକ ସେବା ଅଧିକାରୀ ଅନୁଷ୍ଠାନ ପରିସରରେ ଆୟୋଜିତ ଏହି ସମାରୋହ କୁ ନୂଆଦିଲ୍ଲୀ ଲୋକସଭା ସାଂସଦ ବାଂସୁରୀ ସ୍ୱରାଜ୍ ପ୍ରଦୀପ ପ୍ରଜ୍ୟୋଳନ କରି ଉଦଘାଟନ କରିଥିଲେ । ବିଶ୍ୱ ଓଡ଼ିଆ ସମାଜର ଅଧକ୍ଷ କିଶୋର ଚନ୍ଦ୍ର ଦ୍ୱିବେଦୀ ଙ୍କ ଅଧକ୍ଷତା ରେ ଆୟୋଜିତ ଏହି ସଭା ରେ ଯାଜପୁର ଲୋକସଭା ସାଂସଦ ରବିନାରାୟଣ ବେହେରା ଯୋଗଦେଇ କହିଥିଲେ ଆଜି ସମଗ୍ର ବିଶ୍ୱର ବାସ୍ତରୀ ଟି ଦେଶର ଭାଇଭଉଣୀ ମାନଙ୍କୁ ଏକତ୍ରିତ କରି ଆଜି ବିଶ୍ୱ ଓଡ଼ିଆ ସମାଜ ଗଠନ ହୋଇଛି। ସମାଜ ଗଠନ ର ଅଭିପ୍ରାୟ ହେଲା ବସୁଦେବ କୁଟମ୍ବକ ଗ୍ଲୋବାଲ ଭିଲେଜ କନସେପ୍ଟ ସମସ୍ତ ଙ୍କୁ ନେଇ ଏକ ସୂତ୍ରରେ ବାନ୍ଧି ରଖିବା,ଏଥିସହ ଓଡିଶା ର କଳା, ସଂସ୍କୃତି, ଖାଦ୍ୟ,ବସ୍ତ୍ର ସମଗ୍ର ବିଶ୍ୱ ରେ ଯେଉଁଭଳି ପ୍ରଚାର ପ୍ରସାର କରିବା, ବିଶ୍ୱ ରେ ପ୍ରତିପାଦିତ କରିବା, ଉତ୍କର୍ଷ ଓଡିଶା, ଓ ଓଡିଶା ର ଅସ୍ମିତା କିପରି ବୃଦ୍ଧି ହେବ ସେଥିନେଇ ବିଶ୍ୱ ଓଡିଶା ସମାଜ ପ୍ରାରମ୍ଭରୁ ନିଜ କାର୍ଯ୍ୟଧାରା ବଜାୟ ରଖିଛି। ଶକ୍ତି ଉତ୍ସବ ସମ୍ପର୍କ ରେ ନିଜ ମତ ରଖି ସେ କହିଥିଲେ ନାରୀ ଶକ୍ତି ହେଉଛି ସମଗ୍ର ଭାରତ ବର୍ଷ ର ଏକ ଅବିଚ୍ଛେଦ ଅଙ୍ଗ। ଆମର ଆଦିଶକ୍ତି ହେଉଛି ନିଜ ମା, ଜଗତଜନନୀ,ଗାଁ କୁ ବିପଦ ଆପଦ ରୁ ରକ୍ଷା କରିବା ପାଇଁ ପ୍ରତି ଗାଁ ରେ ଗ୍ରାମଦେବତୀ ରହିଛନ୍ତି. ରାଜ୍ୟରେ ପୁରୀ ଶ୍ରୀ ମନ୍ଦିର ରେ ମା ବିମଳା ବିରଜାମାନ ଥିବା ବେଳେ,ବିଭିନ୍ନ ସ୍ଥାନରେ ଶକ୍ତି ପୀଠ ରହିଛି.ମହିଳା ମାନେ ଆଜି ଭାରତ ବର୍ଷ ର ବଡ଼ ପଦ ପଦବୀ ରେ ଅଛନ୍ତି। ଆଜି ଭାରତ ବର୍ଷ ର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାରୀ ଶକ୍ତି କୁ ପ୍ରାଧାନ୍ୟ ଦେଇଛନ୍ତି। ନାରୀ ଶକ୍ତି ର ଉନ୍ନତି ହେଲେ ସମଗ୍ର ଭାରତ ବର୍ଷ ବିକଶିତ ହୋଇପାରିବ। ସମଗ୍ର ଭାରତ ବର୍ଷ କୁ ବିଶ୍ୱରେ ପ୍ରତିପାଦିତ କରିବା ସହ ଆଗାମୀ ୨୦୪୭ ରେ ବିକଶିତ ଭାରତ କିଭଳି ଗଠନ ହେବ ସେଥିନେଇ ମାନ୍ୟବର ପ୍ରଧାନ ମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି।ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଲକ୍ଷ୍ୟ ନିଶ୍ଚିତ ଭାବେ ପୂରଣ ହେବ ବୋଲି ସେ କହିବା ସହ ବିଶ୍ୱ ଓଡ଼ିଆ ସମାଜ ଯେଉଁ

ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ସମ୍ମାନ ଜଣାଇ ଆଜି ବିଶ୍ୱ ଓଡ଼ିଆ ସମାଜ ସେମାନଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କ ଉତ୍ତୋରତ୍ତର କାମନା କରୁଛି ବୋଲି ଶେଷରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଶୋଭନୀୟ ଆଶ୍ରମ ର ଗୁରୁମା, ବିଶିଷ୍ଟ ଲେଖିକା,ବିଶ୍ୱ ଓଡ଼ିଆ ସମାଜ ଲକ୍ଷ୍ୟ ନେଇ ପ୍ରଥିଷ୍ଠକ୍ଷ ହୋଇଛି ଅତୀତ ରେ ଅନେକ ଲୋକାଭିମୁଖୀ କାର୍ଯ୍ୟ କରିଥିବା ବେଳେ ଆଗାମୀ ଦିନ ରେ କରିବ। ମହିଳା ମାନଙ୍କ ମଧ୍ୟରେ ଥିବା ଲୁକାୟିତ୍ ପ୍ରତିଭା କୁ ଲୋକଲୋଚନ ଆଣିବା, ସହ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ତଥା ର ପ୍ରଥୀଷ୍ଠାତା ଡ଼. ଅରଣ୍ଧୁତି ଦେବୀ, ଅନ୍ତର୍ଜାତୀୟ ଚିତ୍ର ଶିଳ୍ପୀ ଯତୀନ ଦାସ ଅବସର ପ୍ରାପ୍ତ ପ୍ରଶାସକ କବି ଅମରେନ୍ଦ୍ର ଖଟୁଆ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ପ୍ରଶାସକ ଡ଼. ସଂଜୀବ ପାଟଯୋଶୀ,ଶ୍ରୀ ନୀଳାଚଳ ସେବା ସଙ୍ଘ ର ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଆଇନଜୀବୀ ସସ୍ମିତା ତ୍ରିପାଠୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ. ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳା ମାନଙ୍କୁ ଶେଷରେ ନାରୀ ରତ୍ନ ସମ୍ମାନ ରେ ସମ୍ମାନିତ କରାଯାଇଥିଲା।।ଏମାନଙ୍କ ମଧ୍ୟରେ ଥିଲେ ଜାତୀୟ ଓ ଅକ୍ଷନ୍ତର୍ଜାତୀୟ ସ୍ତରୀୟ ଓଡିଶୀ ନୃତ୍ୟ ଶିଳ୍ପୀ ପୂର୍ଣ୍ଣଶ୍ରୀ ରାଉତ ଓ ବାଣୀ ମାଧବ, ବି. ଏମ ପ୍ରଥୀଷ୍ଠାନର ସମ୍ପାଦିକା ମୀରା ମିଶ୍ର, ଚିତ୍ର ଶିଳ୍ପୀ ଲିପ୍ସା ପଟନାୟକ ମହାନ୍ତି, ଡ଼. ନିବେଦିତା ଗିରି, ଉପସ୍ଥାପିକା ସ୍ୱର୍ଣପ୍ରିୟା ପତି, ଓ ଈପ୍ସା ପ୍ରତିବିମ୍ବା ଷଡ଼ଙ୍ଗୀ, ସମାଜ ସେବୀ ରିତା ପାତ୍ର, ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମ କୁ କାବେରୀ ବେହେରା, ରିତା ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ଶ୍ରୀ ଦ୍ୱେବେଦୀ ସମସ୍ତ କୁ ଧନ୍ୟବାଦ ଜଣାଇଥିଲେ।

ହୀରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଗପ ଶୁଣିବା ଓ କହିବା 'କାର୍ଯ୍ୟକ୍ରମ ଅନୁଷ୍ଠିତ

ସିନାପାଲି ୧୮/୩(ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଗପଶୁଣିବା ଓ କହିବା 'ଗୁରୁବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏ ଅବସରରେ ହୀରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସନତ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ କେଶବ ପାଣ୍ଡେ , ସମ୍ମାନିତ ଅତିଥି ଭାବରେ ହୀରାଧର ହଂସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୋଳାନାଥ ଛତ୍ରିଆ ମଞ୍ଚାସିନ ଥିଲେ। ଶିକ୍ଷା ହିଁ ଏକ ସୁସ୍ଥ ସମାଜ ଗଠନର ମୂଳ ଆଧାର । ତେଣୁ ଶିକ୍ଷା ମାଧ୍ୟମରେ ସମାଜକୁ ଆଗେଇ ନିଆଯାଇ ପାରିବ,ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା,ସଂସ୍କାର ତଥା ଏକାଗ୍ରତା ଏବଂ ଶ୍ରବଣ ଓ କଥନ ଦକ୍ଷତାର ବିକାଶ ପାଇଁ ଗଳ୍ପ ଏକ ମାଧ୍ୟମ ବୋଲି ଏ ଅବସରରେ ଅତିଥି ମାନେ ସାମୁହିକ ମତବ୍ୟକ୍ତ କରିଥିଲେ କ୍ଷ କେଶବ ପାଣ୍ଡେ ପାରମ୍ପରିକ ଶୈଳୀରେ ଏକ ଗଳ୍ପ ଉପସ୍ଥାପନା କରିଥିଲେ କ୍ଷ ପ୍ରାରମ୍ଭରେ ସହଶିକ୍ଷକ ଦାରୁକ ସିଂ ମାଝୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ଓ ସହକାରୀ ଶିକ୍ଷକଗଣ ଅତିଥି ମାନଙ୍କୁ ଫୁଲ ଚନ୍ଦନ ଓ ଓପ ଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଅତିଥିଗଣ ଦ୍ୱାରା ଦେବ ପୂଜନ ହେଲାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା କ୍ଷ ଶିକ୍ଷୟିତ୍ରୀ ଶ୍ରୀମତୀ ରୋଜାଲିନ ରାଉତରାୟଙ୍କ ନିର୍ଦ୍ଦେଶନାରେ ଛାତ୍ରୀଗଣ ସୁ ଲଳିତ କଣ୍ଠରେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଗଳ୍ପ କଥନ ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଏହାକୁ ସହ ଶିକ୍ଷୟିତ୍ରୀ ବୀଣା ମାଝୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଉମା ତୁମୁନିଆ ଧନ୍ୟବାଦ ଅର୍ପଣ କରିଥିଲେ। । ଉକ୍ତ କାର୍ଯ୍ୟକ୍ରମରେ ଅଭିଭାବକ, ଅଭିଭାବିକା ତଥା ଗ୍ରାମର ପ୍ରାୟ ପାଞ୍ଚଶହ ଭଦ୍ର ବ୍ୟକ୍ତି ଉପସ୍ଥିତ ହୋଇଥିଲେ । ବିଦ୍ୟାଳୟ ର ସହ ଶିକ୍ଷକ / ଶିକ୍ଷୟିତ୍ରୀ ତାରୁଖ ସିଂ ମାଝୀ,ଉମା ତୁମୁନିଆ, ବୀଣା ମାଝୀ ଓ ରୋଜାଲିନ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।ନୂଆପଡ଼ା ଜିଲ୍ଲାରୁ ପତ୍ରବନ୍ଧୁ ବାଗ।

ପୋଲିସ କାର୍ଯ୍ୟାନୁଷ୍ଠାନରେ ଡକାୟତି ଯୋଜନା ପଣ୍ଡ

ଜଣେ ଗିରଫ ଦୁଇ ଫେରାର,୫ବାଇକ ଜବତ

ଓଡ଼ପଡ଼ା ୧୮/୩(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରେ ନୂତନ ଏସଡ଼ିପିଓ ଭାବରେ ସତ୍ୟକୁମାର ନନ୍ଦ ଯୋଗଦାନ କରିବାପରେ ଆଇନ ଶୃଙ୍ଖଳା କଡାକଡ଼ି ଭାବରେ ପାଳନ ହେଉଛି।ବିଶେଷ ସୂତ୍ରରୁ ସୂଚନା ପାଇ ଏସଡ଼ିପିଓ ଶ୍ରୀ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ନିର୍ଦ୍ଦେଶକ୍ରମେ ରାସୋଳ ପୋଲିସ ଏକ ବଡଧରଣ ଡକାୟତି ଯୋଜନା ପଣ୍ଡ କରିଛି।ସୂଚନାମୁତାବକ ଗତ ୧୩/୩/୨୫ ବିଳମ୍ବିତ ମଧ୍ୟରାତ୍ରିରେ ରାସୋଳ ପୋଲିସ ପେଟ୍ରୋଲିଙ୍ଗ ଟିମ ସହ ଥାନା ଏସଆଇ ସ୍ୱର୍ଣ୍ଣଲତା ସାହୁ, ସହଯୋଗୀ ଏସଆଇ ପ୍ରତାପ ଚନ୍ଦ୍ର ଦଳେଇ ଓ ତାଙ୍କ ଟିମ ଥାନା ଠାରୁ ୧୫କିମି ଦୂର ଖଇରାବଷ୍ଠାଳି ରୋଡ଼ ନିକଟରେ ଚଢ଼ାଉ କରି ଘଟଣା ସ୍ଥଳରୁ ରାସୋଳ

ଥାନା ଖଇରାବହାଳି ଗ୍ରାମର ମଞ୍ଜୁ ନାଏକ ପୁଅ ବିଜୁ ନାଏକ(୨୯)କୁ ଗିରଫ କରିଥିବାବେଳେ ଅନ୍ୟ ଦୁଇ ଚୋର ଢେଙ୍କାନାଳ ସଦର ଥାନା କାମଧେନୁକୁଟର କାହ୍ନକ୍ଷ ନାଏକ ଓ ଯାଜପୁର ଜିଲ୍ଲା ଡୁବୁରୀ ଅଂଚଳର ଗୌରକ୍ଷ ଫେରାର ହୋଇଯାଇଥିଲେ।ଜେରାବେଳେ ବିଜୁ ନାଏକ ସ୍ୱୀକାର କରିଥିଲା ସେମାନେ ଡକାୟତି ଯୋଜନା କରୁଥିଲେ ଏବଂ ୫ଟି ବାଇକ ଚୋରି କରିସାରିଛନ୍ତି ଏବଂ ଗୋଟିଏ ବାଇକ କୁନା ନାଏକ କୁ ୫୦୦୦ଟଙ୍କାରେ ବିକିଛନ୍ତି। ତେବେ ରାସୋଳ ପୋଲିସ ସେମାନଙ୍କ ଠାରୁ ଗୋଟିଏ ପଲସର୧୫୦,ରେଜିଷ୍ଟ୍ରେସନ ନଂ-ଡଉ-୩୪ଳ-୯୧୮୭,୧ଟି ହିରୋସ୍ପ୍ଲେଣ୍ଡର ପ୍ରୋ ନଂ-OR05AT2089,ନମ୍ବର ବିହୀନ ହିରୋହୋଣ୍ଡା ସିଡ଼ି ଡୀଲକ୍ସ ଇଂଜିନନଂHA11ECC9D25422, ହିରୋହୋଣ୍ଡା ଗ୍ଲାମର ନଂ-OR09L4453 ଓ ହିରୋ ସୁପରସ୍ପ୍ଲେଣ୍ଡର ନଂ-OD11X4531ଜବତ କରିବା ସହ ରାସୋଳ ଥାନାରେ କେଶନଂ-୭୨/୧୩-୩,ଟ/୫୩୦୯(୫)/ ୩୧୭(୩)/୧୧୧(୩)ବିଏନଏସ ରେ ମାମଲା ରୁଜୁ କରି ବିଜୁ ନାଏକକୁ କୋର୍ଟ ଚାଲାଣ କରି ଫେରାର ମାନଙ୍କୁ ଧରିବାପାଇଁ ଚଢ଼ାଉ ଜୋରଦାର କରିଛନ୍ତି ଓ ସବୁ ଦିଗରୁ ତଦନ୍ତ ଜାରି ରଖିଛନ୍ତି ।ଏ ସମ୍ପର୍କରେ ଉପଖଣ୍ଡ ଆରକ୍ଷୀ ଉପ-ଅଧିକ୍ଷକ ସତ୍ୟ କୁମାର ନନ୍ଦ କହିଛନ୍ତି ଖୁବ ଶୀଘ୍ର ଫେରାର ଅପରାଧୀ ମାନଙ୍କୁ ଶୀଘ୍ର ଧରାଯିବା ସହ ହିନ୍ଦୋଳ ଉପଖଣ୍ଡରେ ସବୁପ୍ରକାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି ପାଳନ କରାଯାଇ ଅପରାଧୀ ମାନଙ୍କୁ ପୋଲିସ ସ୍କାନରରେ ରଖାଯାଇ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ସହ ଶାନ୍ତିର ସହ ରଖାଯିବ। ତେବେ ନୂତନ ଏସଡ଼ିପିଓଙ୍କ ତ୍ୱରିତ ପଦକ୍ଷେପ ଆଶ୍ୱାସନା ପାଇଁ ହିନ୍ଦୋଳ ଜନସାଧାରଣ ଆଶ୍ୱସ୍ତି ହେବା ସହ ହିନ୍ଦୋଳ ଉପଖଣ୍ଡ ପୋଲିସକୁ ପ୍ରଶଂସା କରିଛନ୍ତି।

ୟୁନିୟନ ଫର କଟକ ସଦର ଡେଭଲପ୍‌ମେଣ୍ଟର ହୋଲି ମିଳନ

ନିଶ୍ଚିନ୍ତକୋଇଲି ୧୮/୩(ନି.ପ୍ର): ୟୁନିୟନ ଫର କଟକ ସଦର ଡେଭଲପ୍‌ମେଣ୍ଟର ହୋଲି ମିଳନ ଉତ୍ସବ ସଂଗଠନର ସଭାପତି ପ୍ରଫେସର ମନୋଜ କୁମାଇ ନାୟକଙ୍କ ପରାମର୍ଶରେ ଇସାଣୀବରହମପୁର ଗ୍ରାମ ପଂଚାୟତ ଅଧିନସ୍ଥ ଉର୍ମିଳା ମଣ୍ଡପ କେଣ୍ଟାଳଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଳନ ଉତ୍ସବରେ ବିଜୟ କୁମାର ନାୟକ, ସୁନାକର ବେହେରା, ସର୍ବେଶ୍ୱର ସ୍ୱାଇଁ, ଶ୍ୟାମସୁନ୍ଦର ବେହେରା, ଅନାମ ଚରଣ ସେଠୀ, ସୁଦର୍ଶନ ଜେନା, ଅଭିମନ୍ୟୁ ସାହୁ, କରୁଣାକର ସିଂହ, ପିତବାସ ଗାୟା, ପ୍ରତାପ ରାଉତ, ରବିନାରାୟଣ ବେହେରା, ମନୋରଂଜନ ଦାସ, ଜ୍ୟୋତିରଂଜନ ସେଠୀ, ସାନୁ ସାମଲ, ଦେବାଶିଷ ତ୍ରିପାଠୀ, ସଞ୍ଜୟ ପରିଡା, ଭାନୁପ୍ରକାଶ ସାହୁ, ମହେନ୍ଦ୍ର ସାହୁ, ବିନୋଦ ମହାପାତ୍ର, ସଞ୍ଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାସ, ଗୋବର୍ଦ୍ଧନ ଖୁଣ୍ଟିଆ, ବିଜୟ ଭାସ୍କର ଗାୟା, ନୃସିଂହ ଭୋଇ, ଶରତ ମଳିକ, ଖୋକନ ଚୌଧୁରୀ, ଧ୍ରୁବଚରଣ ସ୍ୱାଇଁ, ଧନେଶ୍ୱର ସାହୁ, ସୁଧାଂଶୁ ଶେଖର ରାଉତରାୟ, ଜ୍ୟୋତିରଂଜନ ସାହୁ, ପର୍ଶୁରାମ ଭୂୟାଁ ଅର୍ଦ୍ଧେନ୍ଦୁ ପରିଡା ପ୍ରମୁଖ ଏହି ମିଳନ ଉତ୍ସବରେ ଯ

ମାଫିଆଙ୍କ ପାଇଁ ନିଶ୍ଚିତା ପାହାଡ଼ ନିଶ୍ଚିହ୍ନ

ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲଙ୍କ ତାଗିଦ୍‌କୁ ବି ଖାତିର୍ ନାହିଁ

ଢେଙ୍କାନାଳ,୧୮/୩: ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ଅଞ୍ଚଳର ନିଶ୍ଚିତା ପାହାଡ଼ ଏବେ ପଥର ମାଫିଆଙ୍କ ଅମରାବତୀ ପାଲଟିଛି। ବେଆଇନ ଭାବେ ପାହାଡ଼ରେ ବଡ଼ ବଡ଼ ମେସିନ୍ ଲଗାଇ ପଥର ଫଟାଇବା ସହ ବ୍ୟାପକ ପଥର ଲୁଟି ଚାଲିଛନ୍ତି। ମାଫିଆଙ୍କ ପାଇଁ ନିଶ୍ଚିତା ପାହାଡ଼ ନିଶ୍ଚିହ୍ନ ହେବାକୁ ବସିଲାଣି। ଯେମିତି ପାହାଡ଼ରୁ ପଥର ସରିବା ପର୍ଯ୍ୟନ୍ତ କଣ୍ଠ ରଖି ବର୍ଷସାରା ମାଫିଆମାନେ କଳା ମୁଗୁନି ପଥର କୋରି ଚାଲିଛନ୍ତି। ସରକାର ଓ ଆଇନକାନୁନର ନାଲିଆଖିକୁ ମାଫିଆମାନେ ବେଖାତିର୍ କରି ଚାଲିଛନ୍ତି। ଏପରିକି ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲଙ୍କ ତାଗିଦ୍ ମଧ୍ୟ କାମ କରୁ ନାହିଁ। ବିଭିନ୍ନ ରାଜନୈତିକ ନେତାଙ୍କ ଛତ୍ରଛାୟା ତଳେ ଏହି କଳା କାରବାର ଚାଲିଥିବା ଅଭିଯୋଗ ହେଉଛି। ଏପଟେ ପ୍ରାଶାସନିକ ଅଧିକାରୀମାନେ କାଁଭାଁ ଚଢ଼ଉ କରି ନିଜ ମୁଣ୍ଡରୁ ଦୋଷ ଖସାଇ ବସି ପଡୁଛନ୍ତି। କିଛିଦିନ ତଳେ ପ୍ରଶାସନ ପକ୍ଷରୁ ନିଶ୍ଚିତା ପାହାଡ଼ରେ ଚଢ଼ଉ କରାଯାଇ ବ୍ୟାପକ ମେସିନ୍ ଜବତ ସହ ଏଥିରେ ନିୟୋଜିତ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଫଳରେ କିଛିଦିନ ପାଇଁ ବେଆଇନ ପଥର ଚାଲାଣ ବନ୍ଦ ହୋଇଥିଲା। ଏବେ ପୁଣି ସେଠାରୁ ବେଆଇନ ଭାବେ କଳା ମୁଗୁନି ପଥର ଲୁଟ୍ ଆରମ୍ଭ ହୋଇଯାଇଛି।ଖଣି ବିଭାଗର ସୂଚନା ଅନୁସାରେ, ଗଁଦିଆ ବ୍ଲକର ନିହଲପ୍ରସାଦ ରୋଡ୍ ମେଟାଲ ଖଣି- ୧, ୫ ଓ ୬ ନମ୍ବର ଏବଂ ନହଦା ରୋଡ୍ ମେଟାଲ ଖଣି- ୩ ନମ୍ବର ଏହିପରି ୪ଟି ଖଣିକୁ ନିଲାମ ଦିଆଯାଇଥିବା ବେଳେ ନିଶ୍ଚିତା ପାହାଡ଼ର କୌଣସି କଳାପଥର କ୍ୱାରିକୁ ନିଲାମ ଦିଆଯାଇ ନାହିଁ। ସେହିପରି ପାହାଡ଼ରେ ବ୍ୟାପକ ଲୁଟ୍‌କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଶ୍ଚତା ପାହାଡ଼ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍ ମଧ୍ୟ ଏଠାରୁ ପଥର ଚାଲାଣ ଉପରେ କଟକଣା ଲଗାଇଛନ୍ତି। ଏସବୁ ସତ୍ତ୍ୱେ ମାଫିଆମାନେ ସେଠାରେ ବେଆଇନ କ୍ୱାରି ସୃଷ୍ଟି କରି ପଥର ଚାଲାଣ କରିବା ସାହସ କେଉଁଠାରୁ ପାଉଛନ୍ତି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। କିଛି ମାସ ତଳେ ଏଠାରୁ

ଦୈନିକ ୫ ହଜାର ଟନ୍‌ରୁ ଅଧିକ କଳା ମୁଗୁନି ପଥର ଚାଲାଣ ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନର ଅସଲ ରୂପ ପଦାରେ ପଡ଼ି ଯାଇଥିଲା। ଏହାକୁ ଚ୍ୟାଲେଞ୍ଜ ଭାବେ ନେଇ ଗତ ଡିସେମ୍ବର ୩୦ ବିଳମ୍ବିତ ରାତିରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରାଶାସନିକ ଅଧିକାରୀ, ବନ ବିଭାଗ ଏବଂ ପୁଲିସ ଅଧିକାରୀମାନେ ମିଳିତ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୨୦ଟି ଗାଡ଼ି, ଏସ୍କାଭେଟର୍ ଓ ଅନ୍ୟ ମେସିନ୍ ଜବତ ହୋଇଥିଲା। ଏଥିସହିତ ୩୦ରୁ ଅଧିକ ଡ୍ରାଇଭର, ହେଲପର୍ ଓ ଶ୍ରମିକଙ୍କୁ ଗିରଫ କରାଯାଇଥିଲା। ହେଲେ ପ୍ରକୃତ କାର୍ଯ୍ୟଟଦାର ଏବଂ ମାଫିଆମାନେ କିପରି ଖସି ଯାଇଥିଲେ, ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି। ସେହିପରି ଗତ ଜାନୁଆରି ୨୧ରେ ନିଶ୍ଚିତା ପାହାଡ଼ ଲୁଟ୍ ଚାଲିଥିବା ବେଳେ ପୁଲିସ ଚଢ଼ଉ କରିବାକୁ ଯାଇଥିଲା। ଏହି ଖବର ମାଫିଆଙ୍କ ମୋବାଇଲରେ ଭାଇରାଲ୍ ହେବା ପରେ ସେମାନେ ପୂର୍ବ ପ୍ରସ୍ତୁତି ଅନୁସାରେ ପଥର ମାଡ଼ କରି ପୁଲିସ କର୍ମଚାରୀଙ୍କୁ ଘଉଡ଼ାଇ ଦେଇଥିଲେ। ଏଥିରେ ପୁଲିସ କର୍ମଚାରୀମାନେ ଆହତ ବି ହୋଇଥିଲେ। ତା ପରଠାରୁ ପ୍ରାଶାସନିକ ଅଧିକାରୀମାନେ ପାହାଡ଼ ଲୁଟ୍ ସଂପର୍କରେ ମୁହଁ ଖୋଲୁ ନାହାନ୍ତି। ଏହାର ସୁଯୋଗ ନେଇ ପଥର ମାଫିଆମାନେ ପ୍ରଶାସନକୁ ଏକପ୍ରକାର ଖୋଲା ଚ୍ୟାଲେଞ୍ଜ ଦେଇ ପୁଣି ଲୁଟପାଟ୍ ଚଳାଇଛନ୍ତି। ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ନିଶ୍ଚିତା ପାହାଡ଼ ବଞ୍ଚାଇବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଦାବି କରିଛନ୍ତି।

ଖସୁଛି ଇନ୍ଦ୍ରାବତୀ ଜଳସ୍ତର ସଙ୍କଟରେ ରବିଚାଷ

ଭବାନୀପାଟଣା,୧୮/୩: କଳାହାଣ୍ଡି ଜିଲ୍ଲାର ଜୀବନଧାରା ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଥିବାବେଳେ ରବିଚାଷ ପାଇଁ ଚାଷୀ ସଙ୍କଟରେ ଅଛନ୍ତି। ଗତବର୍ଷ ୬୩୨.୨୬ ମିଟର ଜଳସ୍ତର ଥିବା ବେଳେ ସୋମବାର ୬୩୧.୬୪୫ ମିଟର ରହିଥିଲା। ବର୍ଷା ହୋଇ ନଥିବା ଯୋଗୁଁ ଜଳଭଣ୍ଡାର ଜଳସ୍ତର ଖସିବାରେ ଲାଗିଛି। ଅପର ଇନ୍ଦ୍ରାବତୀ ପ୍ରକଳ୍ପ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସୋମବାର ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୩୧.୬୪୫ ମିଟର ରହିଥିଲା। ଇନ୍ଦ୍ରାବତୀ ଜଳଭଣ୍ଡାରକୁ ୧୫.୧୮୫ କ୍ୟୁମେକ୍ସ ପାଣି ପ୍ରବେଶ କରୁଥିବା ବେଳେ ୬୫.୯୬୦ କ୍ୟୁମେକ୍ସ ଜଳ ନିଷ୍କାସିତ ହେଉଛି। ସେହିଭଳି ମଙ୍ଗଳପୁର ହାତୀ ବ୍ୟାରେଜ୍?ରେ ଜଳସ୍ତର ୨୬୧ ମିଟର ରହିଛି। ବାମ ମୁଖ୍ୟ କେନାଲରେ ଅନ୍ୟ ବର୍ଷ ୬୯.୭୭ କ୍ୟୁମେକ୍ସ ପାଣି ଛଡ଼ା ଯାଇଥାଏ। କିନ୍ତୁ ବର୍ତ୍ତମାନ ୪୯ କ୍ୟୁମେକ୍ସ ପାଣି ଛଡ଼ାଯାଉଛି। ଅର୍ଥାତ୍ ପାଣି କମ୍ ଥିବାରୁ ୭୦.୨୩ % ଛଡ଼ାଯାଉଛି। ସେହିଭଳି ଡାହାଣ ମୁଖ୍ୟ କେନାଲ୍‌ରେ ୫୦ କ୍ୟୁମେକ୍ସ ପରିବର୍ତ୍ତେ ୨୨.୪୭ କ୍ୟୁମେକ୍ସ ପାଣି ଅର୍ଥାତ୍ ୪୪.୯୪% ଛଡ଼ାଯାଉଛି। ମେଗାଲିଫ୍ଟ କେନାଲରେ ୩୦ କ୍ୟୁମେକ୍ସ ଛଡ଼ା ଯାଇଥାଏ। କିନ୍ତୁ ବର୍ତ୍ତମାନ ରବି ଚାଷ ନିମନ୍ତେ ଏହାକୁ ବନ୍ଦ କରାଯାଇଛି। ୬୦୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ କ୍ଷମତା ଥିବା ବେଳେ ଆଜି ମାତ୍ର ୧୭୪.୧୦୪ ମେଗାୱାଟ୍ ଉତ୍ପାଦନ କରାଯାଇଛି। ଗତବର୍ଷ ଆଜି ଦିନରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୩୨.୨୬ ମିଟର ରହିଥିଲା। ବର୍ତ୍ତମାନ ଉଭୟ ଇନ୍ଦ୍ରାବତୀ ବାମ ଓ ଡାହାଣ ମୁଖ୍ୟ କେନାଲରେ ୫୩ ହଜାର ୩୭୪ ହେକ୍ଟର ଜମିରେ ରବି ଚାଷ କରାଯାଉଛି। ଏ ପର୍ଯ୍ୟନ୍ତ ଆଦୌ ବର୍ଷା ହୋଇ ନଥିବାରୁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ହୋଇନାହିଁ। ଏହା ଯୋଗୁଁ ତଳମୁଣ୍ଡରେ ଥିବା ଜମିଗୁଡ଼ିକରେ ଚାଷୀମାନେ କିଭଳି ଫସଲ ବଞ୍ଚାଇବେ, ସେ ନେଇ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। ଇନ୍ଦ୍ରାବତୀ ପ୍ରକଳ୍ପରେ ଜଳ ସଙ୍କଟ ଯୋଗୁଁ କଲମପୁର, ଜୁନାଗଡ଼, ଧର୍ମଗଡ଼ ଓ କୋକସରା ବ୍ଲକ୍ ଅଞ୍ଚଳର ଚାଷୀମାନେ କାଳବୈଶାଖୀଜନିତ ବର୍ଷା ଉପରେ ଆଶାବାନ୍ଧି ବସିଛନ୍ତି। ଚଳିତ ବର୍ଷ ଚାଷୀମାନେ ଇନ୍‌ପୁଟ୍ ସବ୍‌ସିଡି ପାଇଥିବା ଯୋଗୁଁ ଉତ୍ସାହିତ ହୋଇ ଚାଷ ପାଇଁ ଆଗ୍ରହ ପ୍ରକାଶ କରିଥିବା ବେଳେ ଇନ୍ଦ୍ରାବତୀ ଜଳସଙ୍କଟ ଏଥିରେ ପ୍ରତିବନ୍ଧକ ସାଜିଛି।

ବନାଗ୍ନି ରୋକିଲେ ମା'-ଝିଅ

ଫୁଲବାଣୀ,୧୮/୩: ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ କନ୍ଧମାଳର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲିଭାଇବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବା ସତ୍ତ୍ୱେ କାବୁ କରି ହେଉନି। ତେବେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ବନ୍ଧଗଡ଼ ପଞ୍ଚାୟତ ଅନ୍ତର୍ଗତ ମେଲୁମାହା ଗ୍ରାମରେ ଜଣେ ବୃଦ୍ଧା ବିମଳା ନାୟକ ଏବଂ ତାଙ୍କ ଝିଅ ଲିପିକା ନାୟକ ଗ୍ରାମ ଉପକଣ୍ଠରେ ଲାଗିଥିବା ବନାଗ୍ନିକୁ ରୋକି ଉଦାହରଣ ପାଲଟିଛନ୍ତି। ଯେଉଁ କାମ ବନ ବିଭାଗ କରିବା କଥା, ତାକୁ ମା'- ଝିଅ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ଗତକାଲି ମେଲୁମାହା ଗ୍ରାମ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିଲା। ଏ ନିଆଁ ଧୀରେ ଧୀରେ ମେଲୁମାହା ଗ୍ରାମ ଅଭିମୁଖେ ମାଡ଼ି ଆସୁଥିଲା। କିନ୍ତୁ ବୃଦ୍ଧା ବିମଳା ଏବଂ ତାଙ୍କ ଝିଅ ଲିପିକାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ନିଆଁକୁ ଆୟତ୍ତ କରାଯାଇ ପାରିଥିଲା। ଅନ୍ଧାର ରାତିରେ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଥିବା ବେଳେ ଅନ୍ୟମାନେ ଦେଖଣାହାରି ସାଜିଥିଲେ। ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ କେହି ଘଟଣାସ୍ଥଳରେ ପହଞ୍ଚି ନଥିଲେ। ମା'- ଝିଅ ଦୁହେଁ ଘନ ଅନ୍ଧାର ରାତିରେ ନିଆଁ ଲିଭାଇବାକୁ ସେମାନଙ୍କ ପୋଷା କୁକୁରକୁ ନେଇ ଯାଇଥିଲେ। ପ୍ରାୟ ଅଧ କିଲୋମିଟର ପାହାଡ଼ ଚଢ଼ିବା ପରେ ଦୁହେଁ ନିଆଁ ଲାଗିବା ସ୍ଥାନରେ ପହଞ୍ଚି ଯାଇଥିଲେ। ପ୍ରଥମେ ଜଙ୍ଗଲରେ ପଡ଼ିଥିବା ଶୁଖିଲା ପତ୍ରକୁ ଝାଡୁ କରି ନିଆଁ ଲାଗିବା ସ୍ଥାନ ଠାରୁ ପୃଥକ କରି ଦେଇଥିଲେ। ଫଳରେ ଆଉ ନିଆଁ ବ୍ୟାପି ପାରି ନଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ପରିଶ୍ରମ କରି ଶେଷରେ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ପାରିଥିଲେ। ଏପଟେ ଗାଁରେ ମା'-ଝିଅଙ୍କୁ ଘରେ ନ ଦେଖି ଖୋଜାଖୋଜି କରିଥିଲେ। ପରେ ସବୁ କଥା ଶୁଣିବା ପରେ ଗାଁଲୋକେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଜଙ୍ଗଲ ରକ୍ଷା କରିବା ତାଙ୍କର ପ୍ରମୁଖ ଦାୟିତ୍ୱ ବୋଲି ବିମଳା ନାୟକ କହିଥିବା ବେଳେ ଭବିଷ୍ୟତରେ ଜଙ୍ଗଲ ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିଦେବେ ବୋଲି ଝିଅ ଲିପିକା କହିଛନ୍ତି। ଅନ୍ୟପଟେ, ମା'- ଝିଅଙ୍କ ଏଭଳି କାର୍ଯ୍ୟକୁ ଫିରିଙ୍ଗିଆ ରେଞ୍ଜର ପ୍ରଦ୍ୟୁଷ ମହାରଣା ପ୍ରଶଂସା କରିଛନ୍ତି। ତେବେ କେହି ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ ବୋଲି ରେଞ୍ଜର ଶ୍ରୀ ମହାରଣା ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ କନ୍ଧମାଳ ଜିଲ୍ଲାରେ ପ୍ରାୟ ୭୧ ପ୍ରତିଶତ ଜଙ୍ଗଲ ରହିଥିବାବେଳେ ଜିଲ୍ଲାରେ ଦୁଇଟି ବନଖଣ୍ଡ କାର୍ଯ୍ୟ କରୁଛି। ଦୁଇଜଣ ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଏଥିପାଇଁ ବାର୍ଷିକ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି।

ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘ ପକ୍ଷରୁ ନବ ନିଯୁକ୍ତ ଦୁଇ ନୋଟାରୀଙ୍କୁ ସମ୍ବର୍ଦ୍ଧନା

ପାରାଦୀପ-୧୮।୦୩- ପାରାଦୀପର ଦୁଇ ଜଣାଶୁଣା ଆଇନ୍‌ଜୀବୀ ସଂଜୟ କୁମାର ମିଶ୍ର ଓ କୈଳାସ ଚନ୍ଦ୍ର ସାହୁଙ୍କୁ ଭାରତ ସରକାରଙ୍କ ପକ୍ଷରୁ ନୋଟାରୀ ପବ୍ଲିକ୍ ଭାବେ ନିଯୁକ୍ତି ଦିଆଯାଇଛି । ଏହି ଅବସରରେ ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘ ପକ୍ଷରୁ ସୋମବାର ସଂନ୍ଧ୍ୟାରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରମିକ ସଂଘ କାର୍ଯ୍ୟାଳୟରେ ଏଥି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା । ଶ୍ରମିକ ସଂଘର ସଭାପତି ଅରିନ୍ଦମ ସାର୍ଖେଲ (ବାପି)ଙ୍କ ପୌରହିତ୍ୟରେ ଆୟୋଜିତ ସମାରୋହରେ ଭାରତ ସରକାରଙ୍କ ଦ୍ୱାରା ଆଇନଜୀବୀ ସଂଜୟ କୁମାର ମିଶ୍ର ଓ କୈଳାସ ଚନ୍ଦ୍ର ସାହୁଙ୍କୁ ଶ୍ରୀ ସାର୍ଖେଲ ପୁଷ୍ପଗୁଚ୍ଛ ଓ ଉ□ରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଶ୍ରମିକ ସଂଘର ସାଧାରଣ ସମ୍ପାଦକ ସମୀର କୁମାର ବିଶ୍ୱାଳ, ଅନୁପ କୁମାର ସାହାଣୀ, ନରେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗ ଦେଇ ଦୁଇ ନୋଟାରୀଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

ଅସ୍ତିତ୍ୱ ହରାଉଛି ମାତେଳିଆ ନାଳ

୨୦ଟି ଗାଁ ପାଇଁ ଜୀବନରେଖା ପାଲଟିଥିଲା

ମହୀଧରପୁର,୧୮/୩: ଅନୁଗୁଳ ଜିଲ୍ଲା ବଅଁରପାଳ ବ୍ଲକ୍ ମହୀଧରପୁର ନିକଟରେ ବହିଯାଇଥିବା ମାତେଳିଆ ନାଳ ଏକଦା ଆଖପାଖର ପ୍ରାୟ ୨୦ଟି ଗାଁ ପାଇଁ ଥିଲା ଜୀବନରେଖା। ସ୍ନାନଶୌଚ, ଜଳସେଚନ, ପାନୀୟଜଳ ପ୍ରଭୃତି ପାଇଁ ଅଞ୍ଚଳବାସୀ ଏହା ଉପରେ ନିର୍ଭର କରୁଥିଲେ। ଏବେ ଏହି ନାଳ ଅସ୍ତିତ୍ୱ ହରାଇବାକୁ ବସିଲାଣି। ଏହାର ଗର୍ଭ ପୋତି ହୋଇଗଲାଣି। ଅନାବନା ଘାସଲତା ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହି ଜଳଉତ୍ସର ପୁନରୁଦ୍ଧାର ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ହେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ କନ୍ତାମିଳା ପଞ୍ଚାୟତ ଧୋବଣୀନନ୍ଦର ପାଖ ଜଙ୍ଗଲରୁ ମାତେଳିଆ ନାଳର ଉତ୍ପତ୍ତି। ହିନ୍ଦୋଳ ବ୍ଲକ୍ ଧୋବଣୀନନ୍ଦର, କର୍ଣ୍ଣପୁର, ବରଡ଼ାପାଳ, ବଅଁରପାଳ ବ୍ଲକ୍ ସେରେଣାବେଡ଼ା, ମହୀଧରପୁର, ତଳମୂଳ, ଶିମିଳିଛୁଇଁ ଆଦି ଅଞ୍ଚଳରେ ପ୍ରବାହିତ ହୋଇ ତଳମୂଳଠାରୁ

କିଛିଦୂର ରଙ୍କାସିଙ୍ଗାଠାରେ ବଉଳି ନାଳ ସହିତ ଏହା ମିଶିଛି। ଅନୁଗୁଳ-ମହୀଧରପୁର ରାସ୍ତାରେ ମହୀଧରପୁର ଛକ ପାଖରେ ଏହି ନାଳ ରାସ୍ତା ଅତିକ୍ରମ କରିଛି। ପାଖାପାଖି ୨୦ କିଲୋମିଟର ଲମ୍ବିଥିବା ଏହି ନାଳ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ୨୦ଟି ଗାଁର ୧୫ ହଜାରରୁ ଅଧିକ ଲୋକଙ୍କ ପାଇଁ ବରଦାନ ସଦୃଶ ଥିଲା। ମହୀଧରପୁରର ବରିଷ୍ଠ ନାଗରିକ ଗୋପୀନାଥ ପ୍ରଧାନ(୭୦) ଓ ଚୌଧୁରୀ ସାହୁ(୭୨) କହିବା ମୁତାବକ, ପ୍ରାୟ ୨୫ ବର୍ଷ ତଳେ ମାତେଳିଆ ନାଳରେ ବର୍ଷସାରା ପାଣି ରହୁଥିଲା। ଏଥିରେ ଅଞ୍ଚଳବାସୀ ଗାଧୁଆପାଧୁଆ କରୁଥିଲେ। ବିଭିନ୍ନ ପୂଜା, ବିବାହ, ବ୍ରତଘର ପାଇଁ ଏଥିରୁ ପାଣି ନେଉଥିଲେ। ଏଠାରେ ଶୁଦ୍ଧିକ୍ରିୟା କରୁଥିଲେ। ଏହାର ପାଣି ଉଠାଇ ପାଖ ଜମିରେ ପନିପରିବା, ଡାଲିଜାତୀୟ ଫସଲ ଚାଷ କରୁଥିଲେ। ପରବର୍ତ୍ତୀ ସମୟରେ ମହୀଧରପୁର, ତଳମୂଳ ପ୍ରଭୃତି ବିଭିନ୍ନ ସ୍ଥାନରେ ଏହି ନାଳକୂଳରେ ୧୦ଟିରୁ ଅଧିକ ଉଠାଜଳସେଚନ ପଏଣ୍ଟ ସ୍ଥାପିତ ହୋଇଥିଲା। ନାଳର ଶଯ୍ୟାରେ ବାଲି ଥିଲା। ସେଥିରେ ଚୁଆ ଖୋଳି ଲୋକେ ପାନୀୟଜଳ ସଂଗ୍ରହ କରୁଥିଲେ। ଅଞ୍ଚଳର ଲୋକେ ନାଳରୁ ବାଲି ଉଠାଇ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କଲେ। ଏହାପରେ ଧୀରେ ଧୀରେ ନାଳ ଶୁଖି ଆସିଛି। ଅନେକ ବର୍ଷ ହେଲା କେବଳ ବର୍ଷାଋତୁରେ ସେଥିରେ ପାଣିମୁନ୍ଦେ ରହୁଛି। ନାଳକୂଳ ଜମିରେ ଚାଷ ହୋଇପାରୁନାହିଁ। ନାଳଟି ପୋତି ହୋଇଯାଇଛି। ଉଭୟ ପାର୍ଶ୍ୱରେ ଲୋକମାନେ ଜାଗା ଦଖଲ କରିନେଇଥିବାରୁ ସେଠାକୁ ଯିବା ପାଇଁ ମଧ୍ୟ ବାଟ ନାହିଁ। ମାତେଳିଆ ନାଳର ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884,) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ